ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।

-ଶ୍ରୀଅରବିନ୍ଦ

# ସମ୍ମାନରେ ଅସମ୍ମାନିତ

ତିନି ବର୍ଷର ବ୍ୟବଧାନ ପରେ ୩ ଜଣଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ଦେବା ଲାଗି ଘୋଷଣା କରାଯାଇଛି। ସେମାନେ ହେଲେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସଙ୍ଗୀତଜ୍ଞ ଭୂପେନ ହଜାରିକା ଏବଂ ଆର୍‌ଏସ୍‌ଏସ୍ ଆଦର୍ଶର ପ୍ରବୀଣ ପ୍ରଚାରକ ନାନାଜୀ ଦେଶମୁଖ। ଏମାନଙ୍କ ବ୍ୟତୀତ ୪ ପଦ୍ମବିଭୂଷଣ, ୧୪ ପଦ୍ମଭୂଷଣ ଏବଂ ୯୪ ଜଣ ପଦ୍ମଶ୍ରୀ ପାଇବେ। ତେବେ ସାଧାରଣ ନିର୍ବାଚନ ଥିବାରୁ ଏମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଉଦ୍ଦେଶ୍ୟଭିତ୍ତିକ ଚୟନ କରାଯାଇଛି ବୋଲି କୁହାଗଲାଣି। ପ୍ରଣବ ମୁଖାର୍ଜୀଙ୍କୁ ଚୟନ କରାଯିବା ପଛରେ ପଶ୍ଚିମବଙ୍ଗ ରାଜନୀତି ରହିଥିବା କୁହାଯାଉଛି। ଅବଶ୍ୟ ଏହି ସମ୍ମାନ ଲାଗି ବଛାଯିବା ପୂର୍ବରୁ ରାଷ୍ଟ୍ରପତିତ୍ୱ ସମୟରେ ଏକାଧିକ ଅପରାଧୀଙ୍କୁ ଫାଶୀ ଦେବା ଲାଗି ପ୍ରଣବ ଅନୁମତି ଦେଇଛନ୍ତି। କିନ୍ତୁ ରାଷ୍ଟ୍ରପତି ଭବନରୁ ଯିବା ପରେ ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ମୋହନ ଭାଗବତଙ୍କ ସହ ନିବିଡ଼ ଆଲୋଚନା କରିବା ଏବଂ ସର୍ବୋଚ୍ଚରେ ରିଲାଏନ୍ସ ସଂସ୍ଥାର ପୁରୋଧାଙ୍କୁ ଦୀର୍ଘକାଳ ପ୍ରୋତ୍ସାହନ ଦେବାକୁ ଯାଇ ସେ ଦେଶର ଅଭୂତପୂର୍ବ କ୍ଷତି କରାଇବା ଆଦି ସମ୍ମାନ ପାଇଁ ଅନ୍ୟତମ ଯୋଗ୍ୟତା ଭାବେ ବିବେଚିତ ହୋଇଛନ୍ତି। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ଏବେ ଉତ୍ତର ପୂର୍ବାଞ୍ଚଳ ବିଶେଷକରି ଆସାମରେ ଉଠିଥିବା ବିବାଦକୁ ପ୍ରଶମିତ କରିବା ଲାଗି ଭୂପେନ ହଜାରିକାଙ୍କୁ ଚୟନ କରାଯାଇଛି ବୋଲି ଆଲୋଚନା ଚାଲିଛି। ଦେଶମୁଖଙ୍କ କଥା ଉଠିଲେ ଭାଜପାର ମୂଳ ଆଦର୍ଶ ଆର୍‌ଏସ୍‌ଏସ୍‌ର ଅନ୍ୟତମ ଜଣାଶୁଣା ବ୍ୟକ୍ତି ହୋଇଥିବାରୁ କେନ୍ଦ୍ର ସରକାର ତାଙ୍କୁ ସମ୍ମାନ ଦେବାକୁ ଆଗେଇ ଆସିଛନ୍ତି।

ଭାରତରତ୍ନ ଲାଗି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିବିଶେଷଙ୍କ ନାମ ସୁପାରିସ କରିଥାଆନ୍ତି। ସେହି ଅନୁଯାୟୀ ମନୋନୀତ ବ୍ୟକ୍ତିଙ୍କ ନିକଟକୁ ସରକାରଙ୍କ ପକ୍ଷରୁ ଚିଠି ପଠାଯାଇ ସେମାନଙ୍କ ସମ୍ମତି ଲୋଡ଼ାଯାଇଥାଏ। ସମ୍ମତି ମିଳିବା ପରେ ସେମାନଙ୍କ ନାମ ଘୋଷଣା କରାଯାଏ। ଓଡ଼ିଶାରେ ୩ ଜଣ ଯଥା କୋରାପୁଟର ଆଦିବାସୀ ମହିଳା କମଳା ପୂଜାରୀଙ୍କୁ କୃଷି, କେନ୍ଦୁଝରର ଦୈତାରୀ ନାୟକ ଓ କଟକର ଡି. ପ୍ରକାଶ ରାଓଙ୍କୁ ସମାଜସେବା ଏବଂ ଆମେରିକାରେ ରହୁଥିବା ଗୀତା ମେହେଟାଙ୍କୁ ସାହିତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ମିଳିବ ବୋଲି ଘୋଷଣା କରାଯାଇଛି। ଇତିମଧ୍ୟରେ ଗୀତା ଏହି ସମ୍ମାନକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ପ୍ରତ୍ୟାଖ୍ୟାନର କାରଣ ଦର୍ଶାଇବାକୁ ଯାଇ ସେ ବର୍ତ୍ତମାନର ସମୟକୁ ଇଙ୍ଗିତ କରିଛନ୍ତି। ଏହିଭଳି 'ସମୟ'କୁ ଇଙ୍ଗିତ କରିବା ବିଷୟ ସେ ସ୍ପଷ୍ଟ କରିନାହାନ୍ତି।

ବାସ୍ତବରେ ଭାରତର ବେସାମରିକ ସମ୍ମାନ ବିଭିନ୍ନ କ୍ଷେତ୍ରରେ ବିରଳ ଓ ସମାଜରେ ପରିବର୍ତ୍ତନ ଆଣିପାରୁଥିବା ଭଳି କାର୍ଯ୍ୟ ଦିଗରେ ନିରନ୍ତର ଯୋଡ଼ି ହୋଇଥିବା ବ୍ୟକ୍ତିଙ୍କୁ ମିଳିଥାଏ। ଏହାର ଅସଂଖ୍ୟ ଉଦାହରଣ ବିଗତ ବର୍ଷଗୁଡ଼ିକରେ ଦେଖିବାକୁ ମିଳିଛି। ୨୦୧୯ ଜାନୁୟାରୀ ୨୬ରେ ଘୋଷିତ ଅନେକ ବ୍ୟକ୍ତି ଏକାକୀ ଏକଲବ୍ୟଙ୍କ ଭଳି କାହାଣୀ ସୃଷ୍ଟି କରିଛନ୍ତି। କମଳା ପୂଜାରୀ ଜୈବିକ ଉପାୟରେ ୧୦୦ କିସମର ଧାନ ସଂରକ୍ଷିତ ରଖିବା, ପାହାଡ଼ କାଟି ବୈତରଣୀ ପାଣି ଆଣି ଚାଷ ଜମିକୁ ଯୋଗାଇଥିବ ଦୈତାରୀ ନାୟକ ଏବଂ ଚା' ଦୋକାନରୁ ଅର୍ଜିତ ଅର୍ଥରେ ବସ୍ତି ଅଞ୍ଚଳରେ ସ୍କୁଲ ଚଳାଇବା ସହ ରୋଗୀସେବା କରୁଥିବା ସାମାଜିକ କର୍ମୀ ଡି. ପ୍ରକାଶ ରାଓ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ସେହିପରି ଭାରତ ବିଭାଜନ ପରେ ପାକିସ୍ତାନର ସିଆଲ୍‌କୋଟରେ ଜନ୍ମିତ ଧରମ୍ ପାଲ ଗୁଲାଟୀଙ୍କ କାହାଣୀ ପ୍ରେରଣାଦାୟକ ହୋଇପାରିଛି। ସେତେବେଳେ ସେ ପରିବାର ସହ ଭାରତ ଚାଲିଆସିଥିଲେ। ଆସିବା ବେଳେ ପାଖରେ ସମ୍ବଳ ଥିଲା ମାତ୍ର ୧୫୦୦ ଟଙ୍କା। ପ୍ରାରମ୍ଭିକ ଅବସ୍ଥାରେ ଗୁଲାଟୀ ଘୋଡ଼ାଗାଡ଼ି ଚାଳକ ହୋଇଥିଲେ। ଅର୍ଥ ସଞ୍ଚୟ କରିବା ପରେ ସେ ନୂଆଦିଲ୍ଲୀର କରୋଲ୍‌ବାଗ୍‌ରେ ଏକ ମସଲା ଦୋକାନ କରି ଆଜି ମହାଶୟ ଡି ହାଟି (ଏମ୍‌ଡିଏଚ୍)କୁ ଦୁନିଆ ଆଗରେ ମେଲେଇ ଦେଇଛନ୍ତି। ଏଥିସହିତ ସେ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କ୍ଷେତ୍ରରେ ସର୍ବାଧିକ ଦରମା (୨୦୧୮ରେ ୨୫ କୋଟି ଟଙ୍କା) ନେଉଥିବା ସିଇଓ ହୋଇପାରିଛନ୍ତି। କେବଳ ସେତିକି ନୁହେଁ, ଟେଲିଭିଜନ୍ ବିଜ୍ଞାପନରେ 'ଦାଦାଜୀ' ଭାବେ ଘରେ ଘରେ ପରିଚିତ ଗୁଲାଟୀ ଔଦ୍ୟୋଗିକ ବିକାଶ ଦିଗରେ ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ତାହା ଆଜିର ଯୁବପିଢ଼ି ପାଇଁ ଅନୁକରଣୀୟ ହୋଇଛି।

ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଏହିଭଳି ରତ୍ନ ଓ ପଦ୍ମ ସମ୍ମାନକୁ ରାଜନୈତିକ ଚାପରେ ଦିଆଯାଉଥିବାରୁ ସେଗୁଡ଼ିକର ମାନ ହ୍ରାସ ପାଇଲାଣି। ବୈଜ୍ଞାନିକ, କୌଣସି ଆବିଷ୍କାର କରିଥିବା ବ୍ୟକ୍ତି କିମ୍ବା ମଣିଷ ଜୀବନରେ ଦୁଃସାହସିକତାର ଦିଗ ଦେଖାଇଥିବା ବ୍ୟକ୍ତିବିଶେଷଙ୍କୁ ଭାରତରତ୍ନ ଦେବାର ଚେଷ୍ଟା ହେବା ଉଚିତ। ଯଦି ସଚିନ ତେନ୍ଦୁଲକରଙ୍କୁ ଭାରତରତ୍ନ ଦିଆଯିବାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତେବେ ପ୍ରଣବ ମୁଖାର୍ଜୀ ଓ ନାନାଜୀ ଦେଶମୁଖଙ୍କୁ ସେହି ସମ୍ମାନ ଦିଆଯିବା ମଧ୍ୟ ଭାରତରତ୍ନକୁ ପ୍ରଶ୍ନବାଣରେ ରଖିଦେଇଛି। ଦେଖିବାକୁ ଗଲେ, ଗତ କିଛି ଦଶନ୍ଧି ଧରି ଆମେ ଭାରତୀୟମାନେ ଦେଶର ସବୁ ସଂସ୍ଥା ଏବଂ ସମ୍ମାନକୁ ନ୍ୟୂନ କରିବାରେ ଲାଗିପଡ଼ିଛୁ। ଧରାଧରି, ସଲାସୁତୁରା ଏବଂ ମସୁଧା କରିବାରେ ସହାୟକ ହେଉଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ସମ୍ମାନ ମିଳିବା ଏକ ସାଧାରଣ ବିଷୟ ହୋଇପଡ଼ିଲାଣି। ଏହି ସମ୍ମାନ ଏବେ ଆଉ ସମ୍ମାନ ଆଣିଦେଉ ନାହିଁ। ଏହାର ପ୍ରଦାନ କେବଳ ଦର୍ଶାଉଛି ଯେ ବିଜେତାମାନେ ଆଜିର ସରକାରଙ୍କ ସହିତ ମଧୁର ସମ୍ପର୍କ ଗଢ଼ିପାରିଛନ୍ତି ଏବଂ ଚାହିଦା ମୁତାବକ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ଏବେ ଯେଉଁମାନଙ୍କ ନାମ ପ୍ରକାଶ ପାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତର ଜନସାଧାରଣଙ୍କ ସାମ୍ନାରେ ଉଲଗ୍ନ ହୋଇ ନିଜର ଚରିତ୍ରକୁ ପଦାରେ ପକାଇଥିବାରୁ ଅସମ୍ମାନିତ ହୋଇଛନ୍ତି।

# ଦାଦନ ଶ୍ରମିକ



ପ୍ରଦୀପ୍ତ ନାୟକ

ଓଡ଼ିଶା ହେଉଛି ଦାଦନ ଶ୍ରମିକର ଘର- ଏହା ସମଗ୍ର ବିଶ୍ୱବାସୀ ଜାଣିଛନ୍ତି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଶ୍ରମକୁ ଜୀବିକା କରିବା କିଛି ଖରାପ କଥା ନୁହେଁ, ମାତ୍ର ମଧ୍ୟସ୍ଥ ଦ୍ୱାରା ଆଗତୁରା ବହିନା ନେଇ ପିଲାଛୁଆ ପରିବାର ଧରି ଘରଦ୍ୱାର ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟ କିମ୍ବା ଦେଶକୁ ଯାଇ କାମ କରିବାକୁ ନିଜକୁ ବନ୍ଧା ପକାଇବା ହେଉଛି ଅତ୍ୟନ୍ତ ଅପମାନଜନକ। କାର୍ଯ୍ୟକ୍ଷେତ୍ରରେ ଜଣେ ଦାଦନ ଶ୍ରମିକର କୌଣସି ସମୟ ନିର୍ଘଣ୍ଟ ନ ଥାଏ। ସେଠାରେ ତା'ର ଛୋଟ ପିଲାଠାରୁ ସ୍ତ୍ରୀ ଓ ବଢ଼ିଲା ଯୁବତୀ ଝିଅ ସମସ୍ତେ ଦିନରାତି କାମ କରନ୍ତି। ଅକଥନୀୟ ଅତ୍ୟାଚାରକୁ ବିନା ବାଧାରେ ସହ୍ୟ କରନ୍ତି। ମାଲିକ ଓ ତା'ର କର୍ମଚାରୀମାନେ ଦାଦନ ଶ୍ରମିକର ଯୁବତୀ ସ୍ତ୍ରୀ ଓ କନ୍ୟାଙ୍କୁ ଯୌନ ଶୋଷଣ କରନ୍ତି। ପ୍ରତିବାଦ କଲେ ମାଡ଼ଗାଳି ଖାଇବାକୁ ପଡ଼େ। ଅସ୍ୱାସ୍ଥ୍ୟକର ପରିବେଶରେ ଚଳିବାକୁ ପଡ଼େ। ପେଟପୂରା ଖାଦ୍ୟ ମିଳେନାହିଁ। ରୋଗ ହେଲେ ଚିକିତ୍ସା ସାତସପନ। ପିଲାଙ୍କ ପାଠପଢ଼ା କଥା ପଚାରେ କିଏ ? ଆଗତୁରା ନେଇଥିବା ବହିନା ଶୁଝିବା ପରେ ଯଦି ଅବଶିଷ୍ଟ ମୂଲ ମାଗେ ଅଧିକାଂଶ ଜାଗାରେ ନିରାଶ ହେବାକୁ ପଡ଼େ। ଏତଦ୍‌ବ୍ୟତୀତ ଦେଖାଯାଉଛି ବିଚରା ନିରୀହ ମଣିଷଟି ଅକଥନୀୟ ଅତ୍ୟାଚାର ସହି କେଉଁଠି କିଛି ପ୍ରମାଣ ନ ଥାଇ ମୃତ୍ୟୁମୁଖରେ ପଡ଼ିଛି ତ କେଉଁଠି ଅଙ୍ଗପ୍ରତ୍ୟଙ୍ଗ ହରାଇ ଘରକୁ ଫେରିଛି ତ କେଉଁ ଦୁରାରୋଗ୍ୟ ବ୍ୟାଧିରେ ପଡ଼ିଛି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ଦରିଦ୍ର ଶ୍ରମଜୀବୀମାନେ ଏହିପରି ଦୁର୍ଦ୍ଦଶା ଭୋଗୁଛନ୍ତି। ଓଡ଼ିଶାର ମାନସମ୍ମାନ ବିଶ୍ୱ ଦରବାରରେ ଭୂଲୁଣ୍ଠିତ ହେଉଛି। ଆଜିପର୍ଯ୍ୟନ୍ତ କୌଣସି ବି ସରକାର ଏ ଦିଗରେ ଠୋସ ପଦକ୍ଷେପ ନେଇନାହାନ୍ତି। ତେଣୁ ଧାରାବାହିକ ଭାବରେ ପ୍ରତିବର୍ଷ ଡିସେମ୍ବରରୁ ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଯାଉଛନ୍ତି ଯେ ଜୁନ୍‌ରେ ଫେରୁଛନ୍ତି। ଓଡ଼ିଶା ସରକାରଙ୍କ ଶ୍ରମବିଭାଗ, ପଞ୍ଚାୟତିରାଜ ବିଭାଗ କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି ଦାଦନ ଶ୍ରମିକଙ୍କୁ ନିୟନ୍ତ୍ରିତ କରିବାକୁ, ମାତ୍ର ସଫଳ ହୋଇପାରି ନାହାନ୍ତି। ଭିଟାମାଟି ଛାଡ଼ି ଯାଉଥିବା ସମସ୍ତ ଶ୍ରମିକର ଗ୍ରାମପଞ୍ଚାୟତ କିମ୍ବା ଶ୍ରମ ଦପ୍ତରରେ ପଞ୍ଜୀକରଣ ନିମନ୍ତେ କାର୍ଯ୍ୟବାହିକା ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ପ୍ରଚାରପତ୍ର ଛପାଯାଉଛି ମାତ୍ର ତା'ର ଠିକ୍ ଉପଯୋଗ ହେଉନାହିଁ। ଅଧିକାରୀ ଲୋକଦେଖାଣିଆ କ୍ଷେତ୍ରପରିଦର୍ଶନ କରୁଛନ୍ତି, ଆଲୋଚନା, ପର୍ଯ୍ୟାଲୋଚନା କରୁଛନ୍ତି ତା'ର କିଛି ବି ପ୍ରଭାବ ଶ୍ରମିକ ଚାଲାଣକାରୀ ମଧ୍ୟସ୍ଥ ଦଲାଲ କିମ୍ବା ମାଲିକମାନଙ୍କ ଉପରେ ପଡୁନାହିଁ।

ସରକାରୀ ହିସାବରେ ଦର୍ଶାଯାଉଛି ଯେ ୨୦୧୧ରୁ ୨୦୧୪ ମଧ୍ୟରେ ମାତ୍ର ୧,୩୫,୭୧୯ ଜଣ ଲୋକ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ଦାଦନ ଶ୍ରମିକ ଖଟିବାକୁ ଯାଇଛନ୍ତି। ସେଥିରେ ଅତ୍ୟନ୍ତ ନିର୍ଲଜ୍ଜ ଭାବରେ ସ୍ୱୀକାର କରାଯାଇଛି ଯେ, ଏହି ସମୟ ମଧ୍ୟରେ ମାତ୍ର ୩,୧୧୩ ଜଣ ଶ୍ରମ ବିଭାଗ ନିକଟରେ ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ଦାଦନ ଶ୍ରମିକ ପ୍ରଥାର ନିରାକରଣ ଓ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଧିକାର ପାଇଁ ଲଢ଼େଇ କରୁଥିବା ବେସରକାରୀ ଅନୁଷ୍ଠାନ ଏଡ୍ ଆଟ୍ ଆକ୍ସନ୍ ପ୍ରକାଶ କରିଛି ଯେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ଶ୍ରମିକ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟ ଇତ୍ୟାଦି ରାଜ୍ୟକୁ ଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାକର ବିଷୟ। ଏକ ଆକଳନରୁ ଜଣାଯାଇଛି ଯେ, ସେହି ସମୟ ମଧ୍ୟରେ ସମଗ୍ର ଭାରତରେ ପ୍ରାୟ ୩୦ ନିୟୁତ ଶ୍ରମିକ ଦାଦନ ଖଟିଛନ୍ତି, ଯେଉଁଥିରୁ ଓଡ଼ିଶାର ହେଉଛନ୍ତି ୨.୫ ନିୟୁତ। ରାଜ୍ୟ ସରକାର ବାସ୍ତବତାକୁ ଲୁଚାଉଛନ୍ତି। ଏ ଦିଗରେ ଆଉ ଚାରିପାଦ ଆଗେଇଯାଇ କେନ୍ଦ୍ର ସରକାରଙ୍କର 'ନୀତି ଆୟୋଗ' ତାଙ୍କର ସଦ୍ୟ ପ୍ରକାଶିତ ବିକାଶ ସୂଚକାଙ୍କ ତାଲିକାରେ ଓଡ଼ିଶାର ସବୁଠାରୁ ଦାଦନ ଶ୍ରମିକପ୍ରବଣ ରାଜ୍ୟ ନୂଆପଡ଼ାକୁ ଦେଶର ଦୁଇ ନମ୍ବର ପ୍ରଗତିଶୀଳ ରାଜ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ଗତ କିଛିଦିନ ତଳେ ଏହା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। କେନ୍ଦ୍ର ସରକାରଙ୍କ ସଂଖ୍ୟା ଖେଳର ଏହା ଆଉ ଏକ ନମୁନା।

ଜାତିସଂଘ ବିକାଶ କାର୍ଯ୍ୟକ୍ରମ ମିଲେନିୟମ ଡେଭଲପମେଣ୍ଟ ଗୋଲ୍ (ଏମ୍‌ଡିଜି) ଅନୁଯାୟୀ ଲକ୍ଷ୍ୟ ଥିଲା ୨୦୧୫ ମସିହା ମଧ୍ୟରେ ସାରା ବିଶ୍ୱର କ୍ଷୁଧା ଓ ଦାରିଦ୍ର୍ୟରୁ ମୁକ୍ତି। ଏଥିନିମନ୍ତେ ୮ଟି ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ କରିବାର ଥିଲା। କ୍ଷୁଧା, ନିରାମୟ ଜୀବନ, ଲିଙ୍ଗଗତ ପ୍ରଭେଦ କମାଇବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସାନିଟେସନ, ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଏବଂ ଦାରିଦ୍ର୍ୟରୁ ମୁକ୍ତି ନିମନ୍ତେ ୨୦୦୦ ମସିହାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ତାହା ଭାରତବର୍ଷ ହାସଲ କରିପାରିଲା ନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ପୁନଶ୍ଚ ୨୦୧୫ ମସିହାରେ ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ ନିର୍ଦ୍ଧାରିତ ହେଲା। ଦେଶବାସୀଙ୍କୁ ଦାରିଦ୍ର୍ୟ, ବୈଷମ୍ୟ ଓ ଜଳବାୟୁ ପରିବର୍ତ୍ତନରୁ ସୁରକ୍ଷା ଦେବା ନିମନ୍ତେ ୨୦୩୦ ମସିହା ମଧ୍ୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଜାତିସଂଘ ତରଫରୁ ସ୍ଥିର କରାଯାଇଛି। ମାତ୍ର ଦେଖାଯାଉଛି ଭାରତ ସମଗ୍ର ବିଶ୍ୱରେ ଅନ୍ୟାନ୍ୟ ବିକାଶମୁଖୀ ଦେଶ ସହିତ ତାଳ ଦେଇ ଚାଲିପାରୁ ନାହିଁ। ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା: ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ଜଙ୍ଗଲ ଜମି ଅଧିକାର ଆଇନ, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ଖାଦ୍ୟ ନିରାପତ୍ତା ଯୋଜନା, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ, ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, କେନ୍ଦ୍ର ଖଦି କମିଶନ ଓ ରାଜ୍ୟ ଖଦିବୋର୍ଡର ବିଭିନ୍ନ ଯୋଜନା, ଜୀବିକା ମିଶନ୍, ମିଶନ୍ ଶକ୍ତି ଯୋଜନା ଇତ୍ୟାଦି ଦେଶରୁ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରୁ ନାହିଁ। କାରଣ ଏହି ଯୋଜନାଗୁଡ଼ିକର ବାସ୍ତବ ତଥା ଦୁର୍ନୀତିମୁକ୍ତ ରୂପାୟନ ହୋଇପାରୁ ନାହିଁ। ସରକାରୀ କଳର ଚରମ ଉଦାସୀନତା, ଗ୍ରାମ ପଞ୍ଚାୟତ, ବ୍ଲକସ୍ତରରେ ବ୍ୟାପକ ଦୁର୍ନୀତି ଓ ଜନପ୍ରତିନିଧିମାନଙ୍କର କର୍ମୀ/ଠିକାଦାରି ପୋଷଣ ନୀତି ଯୋଗୁ କୌଣସି ଯୋଜନା ସଫଳ ହୋଇପାରୁନି। ସାଧାରଣ ନିରୀହଟି ବିଚରା ରାହା ନ ପାଇ ଶେଷରେ ଦଲାଲମାନଙ୍କର ଶିକାର ହେଉଛି। ନିଜର ତେଲଲୁଣ ସଂସାରର ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ରାସ୍ତା ବାଛି ନେଉଛି। ଯେଉଁ ମଧ୍ୟସ୍ଥମାନେ ଲୋକଙ୍କୁ ଅଗତୁରା ଟଙ୍କା ଦେଇ ରାଜ୍ୟ ବାହାରର ମାଲିକମାନଙ୍କୁ ଶ୍ରମିକ ଯୋଗାଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଉନାହିଁ କାହିଁକି? ସେମାନେ ସମସ୍ତେ ଶାସନରେ ଥିବା ନେତାମାନଙ୍କର କର୍ମୀ କିମ୍ବା ପାଣ୍ଠି ଯୋଗାଡ଼କାରୀ, ଯେଉଁଥିପାଇଁ ଆଇନକୁ ବେଖାତିର କରି ସରକାରୀ ଅଫିସରଙ୍କୁ ଚକ୍‌ମା ଦେଖାଇ ଶ୍ରମିକ ଚାଲାଣ କରୁଛନ୍ତି। ଦାଦନ ଶ୍ରମିକ ପ୍ରଥା ବନ୍ଦ କରିବାକୁ ହେଲେ ଏହି ଦଲାଲମାନଙ୍କୁ ଚିହ୍ନଟ କରି ଆଇନର କାଠଗଡ଼ାରେ ଛିଡ଼ା କରିବାର ଅଛି।

କେନ୍ଦ୍ର ଓ ରାଜ୍ୟ ସରକାର ମନରେଗା ଯୋଜନାକୁ କଡ଼ାକଡ଼ି ଲାଗୁ କରି ଘୋଷିତ ସର୍ବନିମ୍ନ ମଜୁରୀ ୩୭୦ ଟଙ୍କା ଦେବାକୁ ହେବ। କୃଷକଙ୍କୁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ଫସଲର ନ୍ୟୂନତମ ଦାମ୍ ବିକ୍ରି ସ୍ଥାନରେ ଦେବାକୁ ହେବ। ପୂର୍ବର ସମସ୍ତ କୃଷିଋଣ ଛାଡ଼ କରି ନୂତନ କୃଷିଋଣ ସମେତ ସବ୍‌ସିଡ଼ି ଯୋଗାଇ ଦେବାକୁ ପଡ଼ିବ। କେରଳ ଭଳି ବିଭିନ୍ନ ଭତ୍ତାର ପରିମାଣ ବୃଦ୍ଧି କରିବାକୁ ପଡ଼ିବ। ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ସମସ୍ତ ଭୂମିହୀନଙ୍କୁ ଚାଷଜମି ଓ ଘରଡ଼ିହର ପଟ୍ଟା ଯୋଗାଇ ଦେବାକୁ ପଡ଼ିବ। ଏ ଦିଗରେ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ତତ୍ତୁଲ୍ୟ ନିର୍ଦ୍ଦେଶ ଓ ଟ୍ରେନିଂ ଦେବାକୁ ପଡ଼ିବ।

ଟିକରପଡ଼ା, କାକଟପୁର, ପୁରୀ,

ମୋ- ୯୪୩୭୦୫୩୩୨୯

# ବହୁଜନ ହିତାୟ ବହୁଜନ ସୁଖାୟ



ଡ. କିଶୋର ମହାନ୍ତି

ରେଡ଼ିଓ କେବଳ ପ୍ରତ୍ୟେକ ଶିକ୍ଷିତ ତଥା ବୁଦ୍ଧିଜୀବୀଙ୍କ ମହଲରେ ଆଦୃତ ହୋଇନାହିଁ, ଅଧିକନ୍ତୁ ଏହା ନିପଟ ମଫସଲରେ ଥିବା ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅପାଠୁଆ, ଚାଷୀ, ଶ୍ରମିକ, ଏପରି କି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକୃଷ୍ଟ କରିଛି। ଗ୍ରାମାଞ୍ଚଳରେ ଏହାର ଆଦର ଖୁବ୍ ବେଶି। ଏକଲା ଘରେ ବସି ମନୋରଞ୍ଜନ ଖୋଜୁଥିବା ମଣିଷଟିଏ ପାଇଁ, ତା'ର କ୍ଳାନ୍ତିକର ମନରେ ଆନନ୍ଦ ଆଣି ଦେବା ପାଇଁ ରେଡ଼ିଓ ଯେ ଏକମାତ୍ର ସାଥୀ ଏହା ଅନସ୍ୱୀକାର୍ଯ୍ୟ। ସମସ୍ତେ ଯେମିତି ତା' କିମିଆରେ ବାନ୍ଧିହୋଇ ଯାଇଛନ୍ତି। କହିବାକୁ ଗଲେ ଏକଦା ଭାରତର ପ୍ରତି ସମ୍ଭ୍ରାନ୍ତ ଘରେ ଶୋଭାବର୍ଦ୍ଧନର ସାମଗ୍ରୀ ଭାବେ ଏହା ପରିଗଣିତ ହେଉଥିଲା ଓ ଧନୀ ବ୍ୟକ୍ତିର ପରିଚୟ ଦେଉଥିଲା। କିନ୍ତୁ ଏବେ ଘରେ ଘରେ ରେଡ଼ିଓ। ହାତରେ, କାନ୍ଧରେ, ଦୋକାନରେ, ମଲ୍‌ରେ, ବସ୍‌ରେ, ସାଇକେଲ ହାଣ୍ଡେଲରେ ଓହଳାଇ ଚାଷୀଟିଏ ଚାଷଜମିକୁ ଯିବା ସମୟରେ ରେଡ଼ିଓ ଯେମିତି ତା'ର ବିଶ୍ୱସ୍ତ ସାଥୀ।

କ୍ରମେ କ୍ରମେ ଶ୍ରୋତାମାନଙ୍କର ମନ ଜାଣି ବେତାର କାର୍ଯ୍ୟକ୍ରମ ହେଲା ସରଳ, ସୁନ୍ଦର ଓ ରୁଚିକର। ଜୀବନଧର୍ମୀ କାର୍ଯ୍ୟକ୍ରମ ପ୍ରଚାରିତ ହେଲା ରେଡ଼ିଓରେ । କର୍ମକ୍ଳାନ୍ତ ଜୀବନରେ ରେଡ଼ିଓ ହେଲା ବଳିଷ୍ଠ ଗଣମାଧ୍ୟମ, ଏକମାତ୍ର ଅବସର ବିନୋଦନର ସାଧନ।

କଟକର ମଧୁପୁର କୋଠିରୁ ଆରମ୍ଭ ଆକାଶବାଣୀ କଟକର ଗୃହପ୍ରବେଶ ଓ ସେଇଠି ତା'ର ଷଠିଘର। ୧୯୪୮ ମସିହା ଜାନୁୟାରୀ ୨୮ ତାରିଖ ଭାରତର ବେତାର ପ୍ରସାରଣ ଇତିହାସରେ ଏକ ନୂଆ ରଙ୍ଗିନ୍ ଫର୍ଦ୍ଦ ଯୋଡ଼ି ଦେଲା। ଆରମ୍ଭ ହେଲା ଓଡ଼ିଆମାନଙ୍କ ପାଇଁ କଟକରେ ସ୍ୱତନ୍ତ୍ର ବେତାରକେନ୍ଦ୍ର। ଓଡ଼ିଶା ମାଟିରେ ସାଂସ୍କୃତିକ ପୀଠ, ପୁରୁଣା ରାଜଧାନୀ ତଥା ବ୍ୟାବସାୟିକ ପେଣ୍ଠ କଟକ ସହର ମଧୁପୁର କୋଠି ଧ୍ୱନିମୟ ହୋଇଉଠିଲା ଅପୂର୍ବ ରାଗରାଗିଣୀରେ। ଯେମିତି ରାଗରାଗିଣୀମାନେ ଆକାଶରୁ ଓହ୍ଲାଇଆସି ଏ ମାଟିରେ ପାଦଦେଲେ। ସେମାନଙ୍କର ମଧୁସ୍ରାବୀ ରାଗିଣୀ ସତରେ ମନ୍ତ୍ରମୁଗ୍ଧ କରିଦେଲା ସମସ୍ତଙ୍କୁ।

ଏହି ଭବ୍ୟ ଶୁଭ ମୁହୂର୍ତ୍ତରେ ଅତିଥି ଥିଲେ ଡ. ହରେକୃଷ୍ଣ ମହତାବ ଓ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ। ସେ ହିଁ ଉଦ୍‌ଘାଟନ କଲେ ବେତାରକେନ୍ଦ୍ର। ଭାସିଆସିଲା ଉଦ୍‌ଘୋଷିକାଙ୍କ କଣ୍ଠରେ ଅମୃତମୟ ବାଣୀ 'ଆକାଶବାଣୀ କଟକ'। ଶ୍ରୋତା ମହଲରେ କି ଆବେଗ, କି ଆଲୋଡ଼ନ! ଅନେକ ରୋମାଞ୍ଚ ଭରିଦେଲା ମନରେ ସେଦିନର କାର୍ଯ୍ୟକ୍ରମ। ସେଦିନ ଆଉ ଆଜି ଭିତରେ ଅନେକ ତଫାତ୍। ସମୟ ଗତିଶୀଳ। ପରିବର୍ତ୍ତନର ଧାରା ସହ ନିଜକୁ ସାମିଲ କରିବାରେ ସମସ୍ତେ ବ୍ୟସ୍ତ। ସେଇ ପୁରୁଣା କାର୍ଯ୍ୟକ୍ରମର ଧାରା ଆକାଶବାଣୀ ଏ ଯାବତ୍ ଜାରି ରଖିଥିଲା ବେଳେ ଯୁଗ ରୁଚି ସହ ତାଳଦେଇ ଗତି କରିଚାଲିଛି ଆକାଶବାଣୀ। ଲୋକଜୀବନ, ଲୋକକଳା, ଲୋକସଙ୍ଗୀତକୁ ନେଇ ଆକାଶବାଣୀ ଚଳଚଞ୍ଚଳ। ଏହା ଗଣମାଧ୍ୟମ ହୋଇଥିବାରୁ ଗଣ ହିଁ ତା'ର ଶକ୍ତି। ଗଣର ଆଶା ଆକାଙ୍କ୍ଷା ପୂରଣ କ୍ଷେତ୍ରରେ ଆକାଶବାଣୀ ଚିରଜାଗ୍ରତ ଓ କର୍ମତତ୍ପର।

ନାଟକ, ସଙ୍ଗୀତ ବ୍ୟତୀତ ଯୁବକମାନଙ୍କ ପାଇଁ ଯୁବବାଣୀ, ଶିଶୁମାନଙ୍କ ପାଇଁ ଶିଶୁ ସଂସାର, କ୍ରୀଡ଼ାଜଗତ, ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ, ବୟୋଜ୍ୟେଷ୍ଠଙ୍କ ପାଇଁ ମାନନୀୟେଷୁ କଥିକା, ସାହିତ୍ୟସଂସଦ ଇତ୍ୟାଦି ଯୋଡ଼ିହୋଇଯାଇଛି କାର୍ଯ୍ୟକ୍ରମ ସାରଣୀରେ। ଆକାଶବାଣୀର ସତରେ ବହୁବିଧ କାର୍ଯ୍ୟକ୍ରମ। ରେଡ଼ିଓ ଶୁଣାଏ କେବଳ। ଶୁଣିବାଠାରୁ ଅଧିକ ମନୋରଞ୍ଜନ କିଏ ବା ଦେଇପାରେ। ଶୁଣି ଶୁଣି ବେଦକୁ ମନେ ରଖାଯାଇ ପାରୁଥିଲା। ଗୀତକୁ ଆଖିରେ ଦେଖିବାରେ ଆଦୌ ଆନନ୍ଦ ନ ଥାଏ। ତେଣୁ ରେଡ଼ିଓରେ ସଙ୍ଗୀତ ପରିବେଷଣ ଅଧିକ ଆନନ୍ଦଦାୟକ ଓ ଶ୍ରୁତିମଧୁର। କିନ୍ତୁ ନାଟକଟିଏ ମଞ୍ଚସ୍ଥ ହେଲାବେଳେ ଉଭୟ ଚକ୍ଷୁ ଓ କର୍ଣ୍ଣ ମନ ଏକତ୍ର କାର୍ଯ୍ୟ କରେ ଓ ଆନନ୍ଦ ଉପଲବ୍ଧ କରାଏ।

ରେଡ଼ିଓ ମାଧ୍ୟମରେ ଏ ପ୍ରକାର ପରୀକ୍ଷା ନିରୀକ୍ଷାର ଦୁଃସାହସ ଯିଏ ପ୍ରଥମେ କଲେ, ସିଏ ସତରେ ଧନ୍ୟବାଦାର୍ହ। ଅଧିକାଂଶ ଶ୍ରୋତା ମଞ୍ଚକୁ ଖୋଜିନପାଇ ପହଞ୍ଚିଛନ୍ତି ରେଡ଼ିଓ ପାଖରେ। ବେତାର ନାଟକ ତାଙ୍କୁ ଅଧିକ ଉତ୍ସାହିତ କରିଛି। ରେଡିଓ ନାଟକଟିଏ ଶୁଣିଲା ବେଳେ ଦର୍ଶକ ପାଲଟିଯାଏ ଶ୍ରୋତା। ମନ ମଞ୍ଚରେ ଚରିତ୍ରମାନେ ଆତଯାତ ହୋଇଥାନ୍ତି ଓ ସେମାନଙ୍କର ସଂଳାପ ପରିବେଷଣ ମନରେ ଗଭୀର ରେଖାପାତ କରେ। ଅଭିନୟର ଭଙ୍ଗୀ ବାରି ହୋଇପଡେ ସଂଳାପ ଉଚ୍ଚାରଣରେ । ଶ୍ରୋତାମାନେ ଗୀତିନାଟ୍ୟ ପରିବେଷଣକୁ ଅଧିକ ପସନ୍ଦ କରିଥାନ୍ତି। ରେଡ଼ିଓକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇହୁଏ। ରନ୍ଧନଶାଳାରେ ଗୃହିଣୀ ରଖି ସଙ୍ଗୀତର ଆନନ୍ଦ ଆସ୍ୱାଦନ କରିଥାନ୍ତି। ଏପରି କି ବ୍ୟଞ୍ଜନ ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଆହରଣ ଛଡ଼ା ଘର ସଜେଇବା ବିଷୟ ଏବଂ ଏବେ ରେଡ଼ିଓ ପ୍ରସାରଣ ବ୍ୟାପକ ହେଲାଣି। କେବଳ ଆକାଶବାଣୀରେ ସୀମିତ ନ ରହି କମ୍ୟୁନିଟି ରେଡ଼ିଓ, ଏଫ୍.ଏମ୍. ରେଡ଼ିଓର ପ୍ରଚଳନ ହେଲାଣି। ଆଞ୍ଚଳିକ ଭିତ୍ତିରେ ମଧ୍ୟ ରେଡ଼ିଓଟିଏ ବ୍ୟକ୍ତିବିଶେଷ ଚଳାଇ ପାରିବେ। ଘର, ବାହାର, ଦୋକାନ, ହାଟବାଟ, ତୁଠ ଘାଟ ସବୁଠି ଏବେ ରେଡ଼ିଓର ଆଦର । ଜୀବନକୁ ସରସ ସୁନ୍ଦର, ମଧୁମୟ କରିବାରେ ରେଡ଼ିଓର ଭୂମିକାକୁ ଅସ୍ୱୀକାର କରିହେବନି।

ରେଡ଼ିଓ ସଂସ୍କୃତିକୁ ବଞ୍ଚାଇ ରଖିଛି। ଆଗାମୀ ଦିନରେ ବଞ୍ଚାଇ ରଖିବ ମଧ୍ୟ। ଆକାଶବାଣୀ କଟକ ଓଡ଼ିଶାରେ ଅନ୍ୟାନ୍ୟ ବେତାର କେନ୍ଦ୍ରଠାରୁ ପ୍ରାଚୀନ ଅନୁଷ୍ଠାନ। ରେଡ଼ିଓ ଆଗାମୀ ପିଢ଼ିକୁ ନବପ୍ରେରଣା, ନବୀନ ଉତ୍ସାହ ଦେବା ପାଇଁ ଓ ସୃଜନୀଶକ୍ତିର ଉତ୍ତରଣ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରୁଛି, ତାହା ବେଶ୍ ଉତ୍ସାହପ୍ରଦ। ବେଦର ଅମୃତବାଣୀ- 'ବହୁଜନ ହିତାୟ, ବହୁଜନ ସୁଖାୟ'କୁ ସାକାର କରି ସମୂହ ଜନତାଙ୍କ ପାଇଁ ସମର୍ପିତ ରେଡ଼ିଓ। ପ୍ରସାରଣ ସେବା ତଥା ଆକାଶବାଣୀ କଟକ ପ୍ରତିଶ୍ରୁତିବଦ୍ଧ ଯେ ଆଗାମୀ ଦିନରେ ନୂଆ ନୂଆ କାର୍ଯ୍ୟକ୍ରମମାନ ପ୍ରସାରଣ କରି ଜନମାନସର ପ୍ରିୟଭାଜନ ହୋଇପାରିବ। (ଓଡ଼ିଶାର ପ୍ରଥମ ବେତାର କେନ୍ଦ୍ର ଆକାଶବାଣୀ କଟକର ପ୍ରତିଷ୍ଠା ଦିବସ ଉପଲକ୍ଷେ)

ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ବାହାଘର ପାଇଁ ଭିନ୍ନ ଭିନ୍ନ ପରମ୍ପରା ରହିଛି। ଆମ ଦେଶର ଛତିଶଗଡ଼ର ଜନଜାତି ଇଲାକାରେ ଏଭଳି ଏକ ପରମ୍ପରା ରହିଛି। ଏଠାରେ ବିବାହ ସମୟରେ କନ୍ୟା-ବର ପରସ୍ପରକୁ ମଦ୍ୟପାନ କରାଇବା ପ୍ରଥା ରହିଛି। ବରଯାତ୍ରୀରେ ଆସିଥିବା ମହିଳା, ପୁରୁଷ ଏବଂ ଛୋଟ ଛୋଟ ପିଲା ମଧ୍ୟ ମଦ ପିଇ ଉତ୍ସବ ପାଳନ କରିଥାଆନ୍ତି। ତେବେ ଏ ସବୁ ଖର୍ଚ୍ଚ ବରଘର ପକ୍ଷରୁ କରାଯାଇଥାଏ। ମଦନିଶାରେ ଚୁର ହୋଇ ସଭିଏଁ ମନଖୁସିରେ ନାଚଗୀତରେ ମାତିଯାଆନ୍ତି। ବିବାହ ପରି କୌଣସି ଲୋକର ମୃତ୍ୟୁ ଘଟିଲେ ମଧ୍ୟ ଏହି ଜନଜାତିର ଲୋକେ ମଦ୍ୟପାନ କରି ଅନ୍ତିମ ସଂସ୍କାର କାର୍ଯ୍ୟରେ ସାମିଲ ହୁଅନ୍ତି। ମୃତକର ଶେଷଯାତ୍ରାରେ ଯେପରି କୌଣସି ଜଣେ ବ୍ୟକ୍ତି ମନଦୁଃଖ ନ କରିବେ ସେଥିପାଇଁ ଏଭଳି ପରମ୍ପରା ଏହି ଜନଜାତିରେ ପ୍ରଚଳିତ। ଏପରି କରିବା ଦ୍ୱାରା ମୃତକର ଆତ୍ମା ପରବର୍ତ୍ତୀ ଜୀବନରେ ଖୁସି ହୋଇଥାଏ ବୋଲି ଏହି ଜନଜାତି ଲୋକଙ୍କର ବିଶ୍ୱାସ ରହିଛି।

### ଚିରନ୍ତନୀ

କୋଟି ଚନ୍ଦ୍ର ଗ୍ରହ ତାରା ଜଳିଉଠେ ଯେ ଆଲୋକ ଲାଗି
ଘନ ତମିସ୍ରାର କୋଳେ ଯେ ଆଲୋକଧାରା ଉଠେ ଜାଗି
ଜଳେ ପୁଣି ସିନ୍ଧୁ ବକ୍ଷେ ଗିରି ଚୂଳେ କାଳାନଳ ସମ !
ଜଡ଼ରୂପୀ ହେ ଅନଳ ଅଗ୍ନି ! ତବ ପଦେ ନମୋନମ !
ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୪

- ପଶ୍ଚିମବଙ୍ଗର ଜାମୁରିଆ ଅଞ୍ଚଳରେ ଥିବା ଇଷ୍ଟର୍ନ କୋଲଫିଲଡର ନ୍ୟୁକେଣ୍ଡା କୋଇଲା ଖଣିରେ ଅଗ୍ନିକାଣ୍ଡ ଘଟି ୫୫ ଜଣଙ୍କ ମୃତ୍ୟୁ।
- ରାଜନୈତିକ ସଂସ୍କାର ବିଲ୍‌କୁ କାର୍ଯ୍ୟକାରୀ କରିବାରେ ଯଦି ସେ ଅସଫଳ ହୁଅନ୍ତି ତେବେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ଜାପାନର ପ୍ରଧାନମନ୍ତ୍ରୀ ହୋସୋକାଓ୍ୱାଙ୍କ ଘୋଷଣା।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୨୦- ବଲିଭିଆର ଲାପାଜ ସହରରେ ଦୁଇଟି ବସ୍ ମଧ୍ୟରେ ଧକ୍କା ହୋଇ ୨୨ ଜଣଙ୍କ ମୃତ୍ୟୁ।

୨୧- ପ୍ରାୟ ୨୦୦ ଭାରତୀୟଙ୍କୁ ନେଇ କେରଳର ମୁନାମବାମ ପୋତାଶ୍ରୟରୁ ବାହାରି ନ୍ୟୁଜିଲାଣ୍ଡ ଯାଉଥିବା ଏକ ମାଛଧରା ବୋଟ୍ ସମୁଦ୍ର ମଝିରେ ନିଖୋଜ ହୋଇଯାଇଛି।

୨୨- ହିନ୍ଦୁ ମହିଳା ଓ ମୁସଲମାନ ପୁରୁଷଙ୍କ ବିବାହ ଅବୈଧ, କିନ୍ତୁ ସେମାନଙ୍କଠାରୁ ଜନ୍ମିତ ସନ୍ତାନ ବୈଧ ବୋଲି ସୁପ୍ରିମ୍‌କୋର୍ଟ ଏକ ରାୟରେ ପ୍ରକାଶ କରିଛନ୍ତି।

୨୩- ସୋନିଆ ଗାନ୍ଧୀଙ୍କ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶେଷରେ ସକ୍ରିୟ ରାଜନୀତିରେ ଯୋଗ ଦେଇଛନ୍ତି ଏବଂ ତାଙ୍କୁ ପୂର୍ବ ଉତ୍ତରପ୍ରଦେଶ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

୨୪- ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ବଙ୍ଗଳା ଫିଲ୍ମ ନିର୍ମାଣକାରୀ ସଂସ୍ଥା ଶ୍ରୀଭେଙ୍କଟେଶ ଫିଲ୍ମସର ମୁଖ୍ୟ ଶ୍ରୀକାନ୍ତ ମୋହତା ଗିରଫ।

## ଆମ ସମସ୍ୟା

### ଡାକଘରେ ପାସପୋର୍ଟ ସେବା

ମହାଶୟ,

ଆସ୍କା, ଭଦ୍ରକ, କଟକ ସମେତ ୬ଟି ଡାକଘରେ ପାସପୋର୍ଟ ସେବା ଯୋଗାଣ ସମ୍ପର୍କରେ ଘୋଷଣା ପ୍ରକାଶ ପାଇଛି। ତେବେ ପରିତାପର ବିଷୟ ପୁରୀ ମୁଖ୍ୟ ଡାକଘରକୁ ଏହି ସୁବିଧାରୁ ବଞ୍ଚିତ କରାଯାଇଛି। ପୁରୀର ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ପାସପୋର୍ଟ ପାଇଁ ଭୁବନେଶ୍ୱର ଯିବାକୁ ପଡୁଛି। ସେଠାରେ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ହେଉଛି। କେତେଥର ଗଲେ କାମ ହେବ ତା'ର ଠିକଣା ନାହିଁ। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ଓ ତୀର୍ଥସ୍ଥାନ ଯୋଗୁ ଏଠାରେ ବହୁ ଜନସମାଗମ ହୁଏ ଓ ଏଠିକାର ପିଲାମାନେ ବିଭିନ୍ନ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ନିମିତ୍ତ ବିଦେଶ ଯିବାକୁ ପାସପୋର୍ଟ ଦରକାର କରୁଛନ୍ତି। ଏଣୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ ୨୦୧୯ରେ ପୁରୀ ମୁଖ୍ୟ ଡାକଘରେ ପାସପୋର୍ଟ ସେବା ଯୋଗାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ହେଉ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଧାଡ଼ି ଦର୍ଶନରୁ ବୃଦ୍ଧଙ୍କୁ ବାଦ୍ ଦିଆଯାଉ

ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ରାଜକୋଷରୁ ବ୍ୟୟକରି ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ତୀର୍ଥଦର୍ଶନ କରାଉଛନ୍ତି। କାର୍ତ୍ତିକ ମାସରେ ହବିଷ୍ୟ କରୁଥିବା ମା'ମାନଙ୍କ ରହିବାର ବ୍ୟବସ୍ଥା କରିବା ସହ ସେମାନଙ୍କୁ ମାସକ ଯାକର ମହାପ୍ରସାଦ ସେବନ କରାଉଛନ୍ତି। ମାତ୍ର ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ବୟୋଜ୍ୟେଷ୍ଠଙ୍କୁ ଧାଡିରେ ଯିବାର ବ୍ୟବସ୍ଥା କରିଛନ୍ତି। ଏତେ ସମୟ ଲାଇନରେ ଠିଆହେବା ବୃଦ୍ଧମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ। ଏଣୁ ମୋର ବିଶେଷ ଅନୁରୋଧ ବୃଦ୍ଧ ଲୋକ ଓ ତାଙ୍କ ସହିତ ଆସିଥିବା ଆଉ ଜଣେ ସାହାଯ୍ୟକାରୀ ଲୋକଙ୍କୁ ବିନା ଲାଇନରେ ଯିବାର ଅନୁମତି ଦିଅନ୍ତୁ।

ରବୀନ୍ଦ୍ରନାଥ ଚାଟାର୍ଜୀ, ଶୈଳଶ୍ରୀବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 5 | A | | | | | | | | | 6 | | |
| 9 | | | | 0 | 1 | | 3 | A | D | | 8 | | | |
| | | 7 | | D | 8 | | | | | 0 | 3 | 9 | A | |
| | | | C | | | 2 | | | E | 7 | | | | |
| | | C | | | | E | 6 | 7 | | | | | | |
| 2 | | | | | | | | 3 | 9 | | | 7 | 0 | |
| | | 4 | | | | | | | | | | C | 8 | |
| 8 | | | | | | 6 | | C | 3 | | | 1 | 9 | |
| | | B | | | | | | 8 | A | 5 | 4 | E | | |
| | A | | | | D | 4 | | | 1 | 2 | E | | | |
| | | | 2 | | | | | B | | | 7 | | E | |
| | | E | | | | | 7 | | | | | A | | |
| C | | | D | | E | A | 5 | | | 9 | | | | 1 |
| 6 | | 1 | | 8 | | | | | 2 | | | 4 | 5 | 7 |
| | | 0 | | | | 9 | 4 | 6 | 8 | | A | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | 9 | 2 | 4 | E | B | 1 | D | C | 8 | 5 | A | 6 | 7 |
| D | 6 | E | 5 | 7 | 1 | 0 | 2 | 3 | 9 | B | A | 4 | 8 | C |
| 1 | 5 | 8 | 0 | 3 | A | E | C | 4 | 2 | 6 | 7 | B | D | 9 |
| B | 4 | C | 9 | 8 | D | 6 | 7 | A | 0 | 1 | 3 | 5 | E | 2 |
| 7 | 2 | A | B | C | 6 | 8 | 5 | 9 | D | E | 4 | 3 | 1 | 0 |
| C | 9 | B | 4 | E | 0 | D | 8 | 5 | A | 2 | 1 | 6 | 7 | 3 |
| 4 | 3 | 7 | A | 1 | 5 | C | B | 2 | 8 | D | 6 | 9 | 0 | E |
| E | A | D | 8 | 2 | 9 | 3 | 6 | 7 | 4 | 0 | B | C | 5 | 1 |
| 2 | 8 | 0 | 3 | 6 | C | A | E | 1 | 5 | 7 | 9 | D | B | 4 |
| 6 | 1 | 5 | 7 | D | B | 9 | 4 | 0 | E | 3 | C | 8 | 2 | A |
| A | B | 4 | E | 5 | 8 | 1 | 9 | 6 | 7 | C | 2 | 0 | 3 | D |
| 0 | D | 1 | C | 9 | 2 | 7 | A | B | 3 | 5 | 8 | E | 4 | 6 |
| 5 | 7 | 6 | D | 0 | 4 | 2 | 3 | C | B | 9 | E | 1 | A | 8 |
| 8 | C | 3 | 6 | A | 7 | 5 | D | E | 1 | 4 | 0 | 2 | 9 | B |
| 9 | E | 2 | 1 | B | 3 | 4 | 0 | 8 | 6 | A | D | 7 | C | 5 |

ଶନିବାର ପ୍ରକାଶିତ ଉତ୍ତର

## ସଂକ୍ଷେପରେ

### ପଞ୍ଚାୟତବାସୀଙ୍କ ଆନ୍ଦୋଳନ ଜାରି

ତାଳଚେର,୨୭ା୧(ନି.ପ୍ର.)- ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ତାଳଚେର ବ୍ଲକର ଧରମପୁର, କଙ୍କିଲି, ଗୁରୁଜାଙ୍ଗ ପଞ୍ଚାୟତବାସୀ ଗତ ୨୩ ତାରିଖଠାରୁ ଆନ୍ଦୋଳନ ଚଳାଇଛନ୍ତି। ଶନିବାର ପ୍ରଶାସନ ପକ୍ଷରୁ ଆହୁତ ସମାଧାନୀ ବୈଠକ ସଫଳ ହୋଇ ନ ଥିଲା। ଶନିବାର ଅପରାହ୍ନରେ ପୋଲିସ ପ୍ରଶାସନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ଶହ ଶହ ମହିଳା ଆନ୍ଦୋଳନସ୍ଥଳରେ ରୁଣ୍ଡ ହୋଇ ପୋଲିସ ପ୍ରଶାସନକୁ ସାମ୍ନା କରିଥିଲେ। କୌଣସି ପରିସ୍ଥିତିରେ ସେଠାରୁ ହଟିବେ ନାହିଁ ବୋଲି ଅଡି ବସିଥିଲେ। ଫଳରେ ପୋଲିସ ଫେରି ଯାଇଥିଲା।

### ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ

ବନ୍ତଲା, ୨୭ା୧(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ଶନିବାର ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସେହି ଅଞ୍ଚଳର ଆର୍ତ୍ତତ୍ରାଣ ବେହେରା(୬୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରାହ୍ନରେ ଶିଶୁଟି ଖେଳୁଥିବାବେଳେ ଚକୋଲେଟ ଦେବାକୁ କହି ଆର୍ତ୍ତତ୍ରାଣ ତାଙ୍କୁ ଡାକି ନେବା ସହ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ନଂ. ୧୩/୧୯ରେ ଏକ ମାମଲା ରୁଜୁ କରାଯିବା ସହ ଶିଶୁକନ୍ୟାଙ୍କୁ ଡାକ୍ତରୀମାଇନା ପାଇଁ ପଠାଯାଇଥିବା ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି।

### କୋଇଲା ଟ୍ରକ୍ ଜବତ

ଛେଣ୍ଡିପଦା,୨୭ା୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଶନିବାର ଜିନ୍ଦଲ ରାସ୍ତାର ମହିତଇଲା ନିକଟରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିଛି। ଏଥିସହ ଚାଳକ ନରେଶ ସାହାଣି ଓ ଖଲାସି ବିକ୍ରମ ବାଘଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ଚୋରା କୋଇଲା ବୋଝେଇ କରି ଟ୍ରକଟି ଜିନ୍ଦଲ ରାସ୍ତା ଦେଇ ତାଳଚେରରୁ ସମ୍ବଲପୁର ଯାଉଥିବାବେଳେ ପୋଲିସ ହାତରେ ଧରା ପଡିଥିଲେ। ଏଥିରେ ପ୍ରାୟ ୧୫ ଟନ୍ କୋଇଲା ଥିବା ପୋଲିସ କହିଛି। ନଂ. ୧୭/୧୯ରେ ମାମଲା ରୁଜୁ କରାଯାଇଛି।

# ବସ୍-ଟ୍ରକ ଧକ୍କା, ୪ ଗୁରୁତର

ଅନୁଗୋଳ ଅଫିସ୍/ ଛେଣ୍ଡିପଦା,୨୭ା୧(ଡି.ଏନ.ଏ.)



ଅନୁଗୋଳ ସିଡିଏମ୍‌ଓ ଜଣେ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

ଅନୁଗୋଳ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଜରପଡା ଥାନା କତଡା ଗ୍ରାମଠାରେ ରବିବାର ଅପରାହ୍ନରେ ଏକ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବସ୍‌ରେ ଥିବା ୧୯ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟରୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ସାଢ଼େ ୨ଟାରେ ଗରୁଡ ବସ୍ (ନଂ.ଓଆର ୧୫ ଏ-୧୯୧୯) ୩୫ ଯାତ୍ରୀଙ୍କୁ ଧରି ସମ୍ବଲପୁର ଅଭିମୁଖେ ବାହାରିଥିଲା। ପ୍ରାୟ ୩୦ କିମି ଯିବାପରେ ଜରପଡ଼ା ଥାନା କତଡ଼ା ଠାରେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ୍ (ନଂ.ଓଆର ୦୯ପି-୬୬୩୨) ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରିବା ସହ ପୋଲିସ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ପ୍ରଥମେ ପୋଲିସ ଗାଡ଼ିରେ ଗୁରୁତରଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ପରେ ଦୁଇଟି ଆମ୍ବୁଲାନ୍ସରେ ଆହତଙ୍କୁ ଅଣାଯାଇଥିଲା। ନରୋତ୍ତମ ରାଉତ(୩୨), ଦୁର୍ଗାଚରଣ ସ୍ୱାଇଁ(କଣ୍ଡକ୍ଟର), ରୁନି ସାହୁ ଓ ଝୁନାରାଣୀ ସାହୁଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଅନ୍ୟ ଦୁଇ ଜଣଙ୍କୁ ଅବଜରବେଶନରେ ରଖାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ କଟକ ଯାଇଥିବା ଗୁରୁତରଙ୍କ ମଧ୍ୟରୁ ୩ ଜଣଙ୍କୁ ଅନୁଗୋଳ ପ୍ରଶାସନ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାବେଳେ ଅନ୍ୟ ୧୦ ଜଣ ଆହତଙ୍କୁ ୨ ହଜାର ଲେଖାଏଁ ଦିଆଯାଇଥିବା ରେଡକ୍ରସ ଅଧିକାରୀ ତଥା ଡେପୁଟି କଲେକ୍ଟର ବଇତୁରା ଦୀପ ସୂଚନା ଦେଇଛନ୍ତି। ମେଡିକାଲରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତି ଉପସ୍ଥିତ ରହି ଆହତଙ୍କ ଅବସ୍ଥା ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଦିଲୀପ ପ୍ରଧାନ, ଅନୁଗୋଳ ବସ୍ ମାଲିକ ସଂଘ ସଭାପତି ମାନସ ସାମଲ, ଅନ୍ୟ କର୍ମକର୍ତ୍ତା ଓ ସାମାଜିକ କର୍ମୀମାନେ ଆହତଙ୍କୁ ସହଯୋଗ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ୍ ୧୫ ଜଣଙ୍କ ଚିକିତ୍ସା ଚାଲିଥିଲା।



# ବିଭିନ୍ନତାରେ ଏକତାର ମନ୍ତ୍ର ପ୍ରଗତି ଆଣିବ

ଅନୁଗୋଳ ଅଫିସ, ୨୭ା୧

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ଅନୁଗୋଳ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ, ଓପି ଜିନ୍ଦଲ ସ୍କୁଲ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ଛାତ୍ରୀଛାତ୍ର ତଥା ସ୍ଥାନୀୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାରୋହରେ ଇଡି ମେଣ୍ଟେନାନ୍ସ ସୁରେଶ କୁମାର, ଇଭିପି ଦାମୋଦର ମିତ୍ତଲଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ପଙ୍କଜ ଗୌତମ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢ଼ି ଶୁଣାଇଥିଲେ। ରାଷ୍ଟ୍ରର ବିଭିନ୍ନତାରେ ଏକତାର ମନ୍ତ୍ର ବିଶ୍ୱରେ ଶାନ୍ତି ଓ ପ୍ରଗତି ଆଣିବାରେ ସହାୟକ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ ମହିଳା ନିରାପତ୍ତା ଦଳ ପରେଡ୍‌ରେ ଭାଗ ନେଇଥିଲେ। ଓପି ଜିନ୍ଦଲ ଓ ଡଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛନ୍ଦାଚରଣ ଦାସ ଧନ୍ୟବାଦ ଦେଇଥିଲେ। ପ୍ରତିବର୍ଷ ପରି ଫାଉଣ୍ଡେଶନ ପକ୍ଷରୁ ଜିଲାର ୧୯ଟି ପଞ୍ଚାୟତରରେ ଥିବା ୭୩ଟି ବିଦ୍ୟାଳୟ ଓ ୮୫ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ସଂଗ୍ରାମୀଙ୍କୁ ସମ୍ମାନ ଦେବାକୁ ଆହ୍ୱାନ

ତାଳଚେର,୨୭ା୧ (ନି.ପ୍ର.)



କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ୭୦ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଚିଫ୍ ଜେନେରାଲ ମ୍ୟାନେଜର ସନ୍ତୋଷ ଜେମ୍ସ ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ମନେପକାଇବା ସହ ସେମାନଙ୍କୁ ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ। ସିଆଇଏସ୍‌ଏଫ ଯବାନ, ସ୍କୁଲ ଛାତ୍ରୀଛାତ୍ର, କର୍ମଚାରୀ, ଶ୍ରମିକନେତା, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସେହିପରି ତାଳଚେର ଥର୍ମାଲ (ଟିଟିପିଏସ୍)ରେ ଗ୍ରୁପ୍ ଜେନେରାଲ ମ୍ୟାନେଜର ମିଥିଲେଶ ସିଂହ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସାଗରିକା ଲେଡିଜ କ୍ଲବ, ସିଆଇଏସ୍‌ଏଫ୍ ଯବାନ, ସ୍କୁଲ ଛାତ୍ରୀଛାତ୍ର, କର୍ମଚାରୀ, ଶ୍ରମିକନେତା, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


## ଆଲ୍ଲାହାବାଦ ବ୍ୟାଙ୍କ

ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର,
ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୮୦୪୪

## ଦଖଲ ନୋଟିସ୍

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତା ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍ ଦ୍ୱାରା ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **"ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ରଣଗ୍ରହୀତା: ଶ୍ରୀ ପଞ୍ଚାନନ ପଟ୍ଟନାୟକ,** ପିତା: ୰ ଲୋକନାଥ ପଟ୍ଟନାୟକ, **ଠିକଣା-୧:** ଏମ୍‌ଆଇଜି-୨-୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, **ଠିକଣା-୨:** ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ,** ପିତା: ୰ ଲୋକନାଥ ପଟ୍ଟନାୟକ, ଏମ୍‌ଆଇଜି-୨-୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ | ୨୯.୦୭.୨୦୧୮ ସୁଦ୍ଧା ଟ.୫୩,୮୦,୭୧୬/- + ସେବାବଦ ସୁଧ | ୨୩.୧୧.୨୦୧୮ / ୨୪.୦୧.୨୦୧୯ | "ବସେରା ହାରମୋନୀ ଆପାର୍ଟମେଣ୍ଟ"ର ୪ର୍ଥ ମହଲାରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୪୦୮, ସୁପର ବିଲ୍ଟ ଅପ୍ ଏରିଆ: ୧୨୫୦ ବର୍ଗଫୁଟ, ଖାତା ନଂ.: ୧୦୮, ପ୍ଲଟ୍ ନଂ.: ୨୭୭, ମୌଜା: ଡମଣା, ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୦, ଥାନା: ନିଉ କ୍ୟାପିଟାଲ, ତହସିଲ/ ଡିଏସ୍‌ଆର୍‌ଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୫.୦୧.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ


# ସମ୍ବିଧାନ ଏକ ମୂଲ୍ୟବାନ ସମ୍ପଦ

ତାଳଚେର,୨୭ା୧(ନି.ପ୍ର.)

ତାଳଚେର ଷ୍ଟାଡିୟମ ଠାରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସମ୍ବିଧାନ ଯେ କୌଣସି ରାଷ୍ଟ୍ର ପାଇଁ ଏକ ମୂଲ୍ୟବାନ ସମ୍ପଦ। ରାଷ୍ଟ୍ରର ପ୍ରତିଛବି ଏହା ମାଧ୍ୟମରେ ଦେଖାଯାଇ ପାରେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ ଅବଦାନ ନିମନ୍ତେ ୩୧ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ବିଶ୍ୱରୂପା ପ୍ରଧାନ, ଶ୍ରେଷ୍ଠ କୃଷକ ନିତ୍ୟାନନ୍ଦ ପରିଡା, ସର୍ବାଧିକ ରକ୍ତ ସଂଗ୍ରହ ନିମନ୍ତେ ସେଣ୍ଟଜନସ ଆମ୍ବୁଲାନ୍ସ, ଅଙ୍ଗନୱାଡିକର୍ମୀ ଆରତି ସାମଲ, ମନୋରମା ବିଶ୍ୱାଳ, ସାହସିକତା ପାଇଁ ଶ୍ରୀମତି ବଦ୍ରା, ଏସ.କେ. ସଇଫଉଲ୍ଲା, ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଶ୍ରାବଣୀ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଡରେ ୩୨ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପ୍ରଶାସନ ଏକାଦଶ ଓ ଆଇନଜୀବୀ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଡାକ୍ତରଖାନାରେ ଫଳ ବଣ୍ଟନ ସହ ଜେଲକୁ ମିଷ୍ଟାନ୍ନ ଓ ଖେଳ ଉପକରଣ ପ୍ରଦାନ କରାଯାଇଥିଲା। ଏସ୍‌ଡିପିଓ ହେମନ୍ତ ପଣ୍ଡା, ବିଡିଓ ନିତ୍ୟାନନ୍ଦ ମଲ୍ଲିକ, ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଏନ୍‌ସିସି ଅଫିସର ସୁବ୍ରତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।







DSPL-374

ଓଡ଼ିଶା ସରକାର

**କଲ୍ୟାଣ ମଣ୍ଡପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ**
**ଝରିଗାଁ, ଜିଲ୍ଲା-ନବରଙ୍ଗପୁର**
**ତା.୨୮.୦୧.୨୦୧୯**



**ମୁଖ୍ୟ ଅତିଥି:**

**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ,**
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ,
ପଂଚାୟତିରାଜ ଏବଂ ପାନୀୟ ଜଳ, ଓଡିଶା

**ସମ୍ମାନୀତ ଅତିଥି:**

**ଶ୍ରୀଯୁକ୍ତ ବଳଭଦ୍ର ମାଝୀ,**
ମାନ୍ୟବର ସାଂସଦ, ନବରଙ୍ଗପୁର

**ଶ୍ରୀଯୁକ୍ତ ମୋହନ ନାୟକ,**
ଜିଲ୍ଲାପରିଷଦ ସଭ୍ୟ, ଝରିଗାଁ

**ଶ୍ରୀମତୀ ରମୁଲା ଗଣ୍ଡ,**
ଅଧକ୍ଷା, ଝରିଗାଁ ପଂଚାୟତ ସମିତି

**ଶ୍ରୀମତୀ ଅବନ୍ତୀ ପୁଜାରୀ,**
ସରପଂଚ, ଝରିଗାଁ ଗ୍ରାମପଚାଂୟତ

**କୁମାରୀ ମଂଜୁଲତା ପନକା,**
ଉପାଧକ୍ଷା, ଝରିଗାଁ ପଂଚାୟତ ସମିତି

**ଶ୍ରୀଯୁକ୍ତ ନିରଞ୍ଜନ ସାନ୍ତା,**
ସମିତି ସଭ୍ୟ, ଝରିଗାଁ

ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା

19001/13/0037/1819

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ବନ୍ତଲା, ୨୭।୧(ଡି.ଏନ.ଏ.)- ଅନୁଗୋଳ ଜିଲା ପୁରୁଣାକୋଟ ଥାନା କୋଠଭୂଇଁ ପଞ୍ଚାୟତର କଟଙ୍ଗମହିଳା ନିକଟରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ଆଠମଲ୍ଲିକ ବରଗାଁ ଗ୍ରାମର ରିପୁନ ବେହେରାଙ୍କ ମୃତ୍ୟୁ ହୋଇଛି। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ବାଇକ୍ ଜବତ କରିଛି। ରିପୁନ କୋଠଭୂଇଁସ୍ଥିତ ମାଉସୀ ଘରକୁ ଆସିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

### କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



ବଇଣ୍ଡା,୨୭।୧(ଡି.ଏନ.ଏ.)- ୧୭ ବର୍ଷରୁ କମ ମହିଳା ରାଜ୍ୟସ୍ତରୀୟ କ୍ରିକେଟ୍ କ୍ଲବରେ ଚୟନ ହୋଇ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମର ବସୁମତୀ ନାୟକଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ରଣିଆକଟା ହାଇସ୍କୁଲର ଛାତ୍ରୀ ବସୁମତୀଙ୍କୁ ଆଠମଲ୍ଲିକର ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ୫ ହଜାର ଟଙ୍କା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବସୁମତୀ କିଶୋରନଗରର ଏକ ଆଦିବାସୀ ବହୁଳ ଅଞ୍ଚଳରୁ ଯାଇ ରାଜ୍ୟସ୍ତରରେ ଚୟନ ହୋଇଥିଲେ। ଏହାସହିତ ଆନ୍ଧ୍ରପ୍ରଦେଶରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିଥିବାରୁ ତାଙ୍କୁ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇଛନ୍ତି।

### ପିକ୍ଅପ ଭ୍ୟାନ ଜବତ

କଣିହାଁ,୨୭।୧(ଡି.ଏନ.ଏ.)-କଣିହାଁ ବ୍ଲକ ସମଲ ଥାନା ଶରଧାପୁର ଗ୍ରାମ ନିକଟରୁ ଶନିବାର ଏକ ଚୋରା କୋଇଲା ବୋଝେଇ ପିକ୍ଅପ ଭ୍ୟାନ ପୋଲିସ ଜବତ କରିଛି। ଆଇଆଇସି ସୁନୀଲ କୁମାର କର କହିଛନ୍ତି, ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂବେଳେ ପିକ୍ଅପ୍ ଭ୍ୟାନଟିକୁ ଜବତ ହୋଇଥିଲା। ଏ ନେଇ ନଂ. ୧୬/୧୯ରେ ଏକ ମାମଲା ରୁଜୁ ହୋଇଛି।

### ପଳାସବାହାଲି ଚାମ୍ପିୟନ

କଣିହାଁ,୨୭।୧(ଡି.ଏନ.ଏ.)- କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ସଂସାମରା ଗ୍ରାମରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଦେବଗଡ଼ ଜିଲା କୁଣ୍ଡେଇଗୋଳା ଓ ଅନୁଗୋଳ ଜିଲା ପଳାସବାହାଲି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଳାସବାହାଲି ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

### ସର୍ବ ଭାରତୀୟ ବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ



ଛେଣ୍ଡିପଦା,୨୭।୧(ସ୍ୱ.ପ୍ର)- ସର୍ବ ଭାରତୀୟ ସ୍ତରରେ ସରୋଜିନୀ ଦାମୋଦରନ ଫାଉଣ୍ଡେଶନ ପକ୍ଷରୁ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଦ୍ୟାଧନ ବୃତ୍ତି ପରୀକ୍ଷାରେ ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଲିପ୍ସିତା ବେହେରା କୃତୀତ୍ୱ ଅର୍ଜନ କରିଛନ୍ତି। ଅନୁଗୋଳ ସରକାରୀ ମହାବିଦ୍ୟାଳୟ +୨ ବିଜ୍ଞାନର ଛାତ୍ରୀ ଲିପ୍ସିତା କୋଶଳା ଗ୍ରାମ ଆମୋଦ ଚନ୍ଦ୍ର ବେହେରା ଓ କାଞ୍ଚନ ବେହେରାଙ୍କ କନ୍ୟା। ସଫଳତାର ଶ୍ରେୟ ସେ ସମ୍ବଲପୁର ଟାଉନ ଥାନା ଅଧିକାରୀ ଚାରୁଲତା ବେହେରାଙ୍କୁ ଦେଇଛନ୍ତି।

### ଥାନା ଅଧିକାରୀଙ୍କ ଯୋଗଦାନ

ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନାରେ ରବିବାର ନୂତନ ଥାନା ଅଧିକାରୀ ଭାବେ ଇନ୍ସପେକ୍ଟର ପ୍ରିୟବ୍ରତ ଦାଶ ଯୋଗ ଦେଇଛନ୍ତି । କେନ୍ଦ୍ରାପଡା ଥାନାରୁ ତାଙ୍କ ଛେଣ୍ଡିପଦାକୁ ବଦଳି ହୋଇଛି। ଛେଣ୍ଡିପଦାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଅପରାଧ ରୋକିବାକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

■ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ଅନୁଗୋଳ ମାଟିର ସଂଗ୍ରାମୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୨୭।୧**



ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

୭୦ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅନୁଗୋଳ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଅନୁଗୋଳ ମାଟିରୁ ବହୁ ସତ୍ୟାଗ୍ରହୀ ଇଞ୍ଚୁଡ଼ିରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମକୁ ଶାଣିତ କରିଛନ୍ତି। ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ଗଡ଼ଜାତ ମିଶ୍ରଣରେ ଅନୁଗୋଳବାସୀଙ୍କ ସହଯୋଗ ଇତିହାସରେ ଲିପିବଦ୍ଧ ରହିଛି। ସର୍ବୋଦୟ ନେତା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମି ଭାବରେ ଆଦରି ନେଇ ଏ ମାଟିକୁ ଧନ୍ୟ କରିଛନ୍ତି। ସେହିପରି କବି ରାଧାମୋହନ ଗଡ଼ନାୟକଙ୍କ ସାହିତ୍ୟ କୃତି ଏହି ମାଟିକୁ ସୁନାମଧନ୍ୟ କରିଛି। ଅନୁଗୋଳର ସଂଗ୍ରାମୀ ରାଜା ସୋମନାଥ ସିଂ ଜଗଦେବଙ୍କ ସମେତ ଅନେକ ସଂଗ୍ରାମୀଙ୍କ କୃତିତ୍ୱକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଇବା ସହ ବିଭିନ୍ନ ସେବାକୁ ସିଧାସଳଖ ସେମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପିଠା, ଆମ ଗାଁ ଆମ ବିକାଶ ଓ କାଳିଆ ଆଦି ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ସାମାଜିକ କର୍ମୀ ମହେଶ ଭୋମରାଜ, ସୁସ୍ଥ ଗାଁ ଓ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ, ପଞ୍ଚାୟତ, ଅନନ୍ତ ଆମ୍ବୁଲାନ୍ସ ତାଳଚେର ଡିଭିଜନର କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁ, କ୍ରୀଡ଼ା ଏବଂ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଠା କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରିଥିବା ପ୍ରତ୍ୟେକ ବ୍ଲକର ଗୋଟିଏ ଲେଖାଏ ଶ୍ରେଷ୍ଠ ପଞ୍ଚାୟତକୁ ୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଜେଏସ୍ପିଏଲ୍, ନାଲ୍କୋ, ଜିଲା ରେଡକ୍ରସ ଶାଖା, ବିଜୁ କନ୍ୟା ରତ୍ନ ଯୋଜନା ଓ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଆକର୍ଷଣୀୟ ତଥା ଶୃଙ୍ଖଳାର ସହ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଶେଷ କରିଥିବା କମିଟିଗୁଡ଼ିକୁ ଜିଲା ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ତରଫରୁ ପୁରସ୍କୃତ କରାଯାଇଥିଲା। ପରେଡ ମାର୍ଚ୍ଚ ପାଷ୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି ରକ୍ତଦାନ ଶିବିରକୁ ଉଦ୍ଘାଟନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ଓ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସକାଳେ ଜିଲାପାଳ ଅନିଲ କୁମାର ସାମଲ ବିଭିନ୍ନ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରୀ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ବିଧାୟକ ରଜନୀକାନ୍ତ ସିଂ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସଭାଘର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ନାଲ୍କୋରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଇଡି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ନାଲ୍କୋରେ ସାଧାରଣତନ୍ତ୍ର ଦିବସ

**ବଅଁରପାଳ, ୨୭।୧ (ଡି.ଏନ୍.ଏ.)**

ନାଲ୍କୋ ଷ୍ଟାଡିୟମ ପରିସରରେ ନାଲ୍କୋ ତରଫରୁ ସାଧାରଣନ୍ତ୍ର ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକାର ଉତ୍ତୋଳନ ସହ ପରେଡ୍ ଅଭିଭାଦନ ଗ୍ରହଣ କରିଥିଲେ। ନାଲ୍କୋ ଇଷ୍ଟେଟ୍ ବିଭାଗ ପ୍ରବନ୍ଧକ ମଣିରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର ସିଏମ୍ଡିଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଉଲ୍ଲେଖନୀୟ ସଫଳତା ପାଇଁ ନାଲକୋ କର୍ମଚାରୀମାନଙ୍କୁ ସର୍ଜନା ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ସିଆଇଏସ୍ଏଫ୍ ତରଫରୁ ବିଭିନ୍ନ ପ୍ରକାର ରଣକୌଶଳ ପ୍ରଦର୍ଶନ କରାଯାଇଥିଲା। ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ଓଏଣ୍ଡ ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ ଓ ଅମ୍ବିକା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଲୁମିନିୟମ ମଜଦୁର ସଂଘରେ ସଭାପତି ରମେଶ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶ୍ରମିକ କଂଗ୍ରେସ ୟୁନିୟନ କାର୍ଯ୍ୟାଳୟରେ ସଂଘ ଉପଦେଷ୍ଟା ପ୍ରଦୀପ କୁମାର ଜାଲି ପତାକା ଉତ୍ତୋଳନ କରିଥିବାବେଳେ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ। ନେସ୍ କାର୍ଯ୍ୟାଳୟରେ ସଭାପତି ଦିଲୀପ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ସାମଲ ଉପସ୍ଥିତ ଥିଲେ। ନେପୁ କାର୍ଯ୍ୟାଳୟରେ ସଭାପତି ବିନୋଦ ବିହାରୀ ସେଠ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ ପରିଚାଳନା କରିଥିଲେ। ଏନ୍ଏନ୍ୟୁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ସାମଲ ପତାକା ଉତ୍ତୋଳନ କରିଥିଲେ। ନାଲ୍କୋ ଟ୍ରକ ମାଲିକ ସଂଘ ସଭାପତି ରାଜୀବ ଜେନା ପତାକା ଉତ୍ତୋଳନ କରିଥିବାବେଳେ ସମ୍ପାଦକ ରଞ୍ଜିତ ସେଠ ପରିଚାଳନା କରିଥିଲେ।

# ସମିତି ସଭ୍ୟାସଭ୍ୟଙ୍କ ମେଳି ନେଇ ଚର୍ଚ୍ଚା



ବୈଠକରେ ଯୋଗ ଦେଇଥିବା ସଭ୍ୟାସଭ୍ୟମାନେ।

**ବନ୍ତଲା, ୨୭।୧(ଡି.ଏନ.ଏ.)**

ଅନୁଗୋଳ ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ ରବିବାର ନନ୍ଦପୁର ପଞ୍ଚାୟତ ଚନ୍ଦନପୁର ଆମ୍ବ ବଗିଚାରେ ଏକ ବୈଠକ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବିମଳ ପ୍ରଧାନଙ୍କ ସଭାପତିତ୍ୱରେ ଏହି ବୈଠକରେ ନୂତନ ସଂଘ ସହ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଦୁର୍ଗାଚରଣ ପ୍ରଧାନ, ଗୀତାଞ୍ଜଳି ବାରିକ, ସୁଜିତ ସାହୁ, ସତ୍ୟବ୍ରତ ବେହେରା ଉପସଭାପତି, ସଞ୍ଜୀବ କୁମାର ସ୍ୱାଇଁ ସାଧାରଣ ସମ୍ପାଦକ, ମିନତୀ ପ୍ରଧାନ କୋଷାଧ୍ୟକ୍ଷ, ଝଟକ ଦେହୁରୀ, ସନ୍ଧ୍ୟାରାଣୀ ବିଶ୍ୱାଳ, ସନ୍ଧ୍ୟାରାଣୀ ପ୍ରଧାନ, ରଞ୍ଜିତା ନାଏକ, କାମିନୀ ସାମଲ ପ୍ରମୁଖ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ ଓ ଆବାହକ ଭାବେ ବିମଳ ପ୍ରସାଦ ପ୍ରଧାନଙ୍କୁ ନିର୍ବାଚିତ କରାଯାଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ସହ ହାତପାଣ୍ଠି ପ୍ରଦାନ, ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟାଳୟ, ଗସ୍ତ ଖର୍ଚ୍ଚ, ଅବୈତନିକ ଭତ୍ତା ବୃଦ୍ଧି, ସ୍ୱତନ୍ତ୍ର ବୀମା ସୁବିଧା ଓ ପେନସନ ଲାଗୁ କରିବାକୁ ଦାବି କରାଯାଇଥିଲା। ଏହି ସମସ୍ୟା ନେଇ ଆସନ୍ତା ୩୦ ତାରିଖରେ ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

# ହାତୀକୁ ନେଇ ଉତ୍ତେଜନା

**ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ହାତୀ ଶନିବାର ବିଳମ୍ବିତ ରାତିରେ ପଶିଛନ୍ତି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରିବା ସହ ଲୋକଙ୍କ ଗୁହାଳରେ ପଶି ଗୋରୁଙ୍କୁ ଆକ୍ରମଣ କରିଛନ୍ତି। ଏହାକୁ ନେଇ ଲୋକେ ଭୟଭୀତ ହେବା ସହ ବନ ବିଭାଗ ଉପରେ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି। ଏପରିକି ରବିବାର ସକାଳେ ଉତ୍ତ୍ୟକ୍ତ ଗ୍ରାମବାସୀ ହାତ ସ୍କ୍ୱାର୍ଡ ଓ ବନ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଦୀର୍ଘଦିନ ହେଲା ହାତୀପଲ ଗ୍ରାମରେ ପଶି ଉପଦ୍ରବ କରିବା ସହ ବ୍ୟାପକ କ୍ଷତି ଘଟାଉଥିଲେ ହେଁ ବନ ବିଭାଗ ବିଫଳ ହଉଥିବା ଲୋକେ ଅଭିଯୋଗ କରିଥିଲେ। ଖବରପାଇ ଫରେଷ୍ଟର କଳାକର ପଧାନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହାତୀପଲ ଗ୍ରାମକୁ ନ ପଶିବା ପାଇଁ ଜଙ୍ଗଲରେ ସୌର ତାର, ବାଡ ଓ ଟ୍ରେଞ୍ଚ ଖୋଳାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଉନ୍ନୟନ କାର୍ଯ୍ୟର ଭୂମିପୂଜନ



**ଅନୁଗୋଳ ଅଫିସ, ୨୭।୧**

ଅନୁଗୋଳ ବ୍ଲକ ବେଢ଼ାଶାସନ ଓ ବଡ଼କେରା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭୂମି ପୂଜନ ଉତ୍ସବ ଢେଙ୍କାନାଳ-ଅନୁଗୋଳ ଏମ୍ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏମ୍ପିଙ୍କ ପ୍ରସ୍ତାବିତ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅନ୍ତର୍ଭୁକ୍ତ ସ୍କୁଲ ଠାରୁ ଆର୍ଡ଼ି ରାସ୍ତା ପର୍ଯ୍ୟନ୍ତ, ଗୁରୁଙ୍ଗ କେନ୍ଦୁ ସାହି ଓ ଗୁରଙ୍ଗ ଠାରୁ ଚମ୍ପତିମୁଣ୍ଡା ଯାଏ ସିମେଣ୍ଟ କଂକ୍ରିଟ ରାସ୍ତାର ଭୂମିପୂଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଏମ୍ପିଙ୍କ ପ୍ରତିନିଧି ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ମୁଖ୍ୟତଃ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ଉପରେ ସେ ଆଲୋଚନା କରି ଏଥିରୁ ଜନସାଧାରଣ ଫାଇଦା ନେବାକୁ ଆହ୍ୱାନ ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବେଢ଼ାଶାସନ ନାଏବ ସରପଞ୍ଚ ଭାରତୀ ସାହୁ, ବିଜୁ ଯୁବ ବାହିନୀ ସଭାପତି ଗଣେଶ୍ୱର ସାହୁ, ସମ୍ପାଦକ ରମାକାନ୍ତ ସାହୁ, ମାନସ ରଞ୍ଜନ ଦେହୁରୀ, ସୁଶିତ ସାହୁ, ବସନ୍ତ ପ୍ରଧାନ, ବିଶ୍ୱମ୍ବର ଖୁଣ୍ଟିଆ, ମାଧବ ମୁଖୀ, ସୁଶାନ୍ତ ସାହୁ, କେଦାର ନାଏକ, ବାବୁଲି ନାଏକ, ଜୀବନ ସାହୁ, ରିପୁନ ପ୍ରଧାନ, ରୂପା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥରେ ଜଳିଗଲା କାର୍

**ପାଲଲହଡ଼ା,୨୭।୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଚାରିଗଛିଆ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଜଳି ଯାଇଛି। ଚାଳକ ସୌଭାଗ୍ୟବଶତଃ ରକ୍ଷା ପାଇଯାଇଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଅନୁଗୋଳ ଜିଲା କଣ୍ଢୋଳ ବିଦ୍ୟାଧରପୁର ଗ୍ରାମର ଅନସୂୟା ସାହୁ ଓ ସ୍ୱାମୀ କାଠିଆ ସାହୁଙ୍କ ନାମରେ ପଞ୍ଜୀକୃତ କାରକୁ ନେଇ ଡ୍ରାଇଭର ସଞ୍ଜୟ ସାହୁ ପାଲଲହଡ଼ା ଆସିଥିଲେ। ରାତି ପ୍ରାୟ ୧ଟା ବେଳେ ଫେରିଲାବେଳକୁ ଚାରିଗଛିଆଡାରେ ଗାଡିର ଫିୟୁଜ ବାକ୍ସରୁ ନିଆଁ ଲାଗି କାର୍ଟି ଜଳିଯାଇଥିଲା। ସଞ୍ଜୟ କୌଶଳ କ୍ରମେ ଗାଡ଼ିରୁ ଓହ୍ଲାଇ ପଳାଇଥିଲେ। ଖମାର ପୋଲିସଠାରୁ ଖବରପାଇ ପାଲଲହଡ଼ା ଦମକଳ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଗୌରାଙ୍ଗ ବେହେରା ସୂଚନା ଦେଇଛନ୍ତି।

# ମଦ ମୁକ୍ତ ସଚେତନତା ପଦଯାତ୍ରା ଆଜି

**ଅନୁଗୋଳ ଅଫିସ, ୨୭।୧**

ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦ ମୁକ୍ତ ଘୋଷଣା କରାଯିବା ଦାବିରେ ଅନୁଗୋଳ ଜିଲା ସାମାଜିକ କର୍ମୀ ସଙ୍ଗଠନ ପକ୍ଷରୁ ସୋମବାର ଏକ ପଦଯାତ୍ରାର ଆୟୋଜନ କରାଯାଇଛି। ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ପର୍ଶୁରାମ ଦାସ ଏହି ସୂଚନା ଦେଇଛନ୍ତି। ପଦଯାତ୍ରା ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ମହୀଧରପୁର, ସାତମାଇଲ, ରାସୋଲ, ଶଙ୍କରପୁର, ଆଠଗଡ଼ ଦେଇ ଭୁବନେଶ୍ୱର ସ୍ଥିତ ରାଜଭବନ ଓ ନବୀନ ନିବାସରେ ପହଞ୍ଚିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ପ୍ରତାପ ମହାପାତ୍ର, ଅଭୟ ରାୟ, ଦିଗବିଜୟ ସାହୁ ଓ ସୌମ୍ୟରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

# ହିଂସା ଛାଡ଼ି ଶାନ୍ତି ବଜାୟ ରଖିବାକୁ ପରାମର୍ଶ

**ବଇଣ୍ଡା, ୨୮।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବରପଡ଼ିଆଠାରେ ଶନିବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମାଜରେ ହିଂସା ଛାଡ଼ି ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗ ଦେଇଥିଲେ। ସେହିପରି ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟ, ନେହେରୁ କ୍ଲବ, ହଣ୍ଡପା ହାଇସ୍କୁଲ, ବଇଣ୍ଡା କଲେଜ, ବଇଣ୍ଡା ଶିଶୁମନ୍ଦିର, ଜାମୁନାଳୀ ପଞ୍ଚାୟତ, ବିଲେଇନାଳୀ ପଞ୍ଚାୟତଠାରେ ଏହି ଦିବସ ପାଳିତ ହୋଇଯାଇଛି।

### ଛେଣ୍ଡିପଦା

ଛେଣ୍ଡିପଦା ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଡିଓ ରୋମାଞ୍ଚଲ ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ପାଲଲହଡ଼ା

ପାଲଲହଡ଼ା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ରୀଡ଼ାବିତ୍ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଓ ସ୍ଥାନୀୟ ଶରତଚନ୍ଦ୍ର କ୍ଲବଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉପଜିଲାପାଳଙ୍କ ସମେତ ସହାୟକ ଜିଲାପାଳ ବେରିୟସ ଡୁଙ୍ଗଡୁଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ।

### ଆଠମଲ୍ଲିକ

ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଉପଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନେକ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲଦାର ବାସୁଦେବ ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲବିନସ୍ କେରକେଟା, ବିଡିଓ ରାହାସ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, କଲେଜ ଏନସିସି ଅଧିକାରୀ କ୍ୟାପଟେନ୍ ଡି.କେ ସିଂହ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### କଣିହାଁ

କଣିହାଁ ବ୍ଲକ ସଦର ମହକୁମାରେ ବ୍ଲକ ଅଧ୍ୟକ୍ଷା ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପବିତ୍ରମୋହନ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଡିଓ ରମେଶ କୁମାର ଜେନାଙ୍କ ଉପସ୍ଥିତିରେ କର୍ମଚାରୀମାନେ ସହଯୋଗ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୨୮ ଜାନୁୟାରୀ,୨୦୧୯



## ଆଜି କ'ଣ କେଉଁଠି

**କାମାକ୍ଷାନଗର**
ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ଚାଷୀ ଗୁରୁତର

**ଢେଙ୍କାନାଳ ଅଫିସ, ୨୭।୧-** ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ଗିରିଧାରୀପ୍ରସାଦ ଗ୍ରାମରେ ଶନିବାର ବାର୍ହା ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ପଞ୍ଚାନନ ରାଉତ (୫୫)। ପଞ୍ଚାନନ ନଡ଼ା ବାନ୍ଧିବାକୁ ଯାଉଥିବାବେଳେ ହଠାତ୍ ଉକ୍ତ ବାର୍ହା ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି।

### ଠାକୁର ନିଗମାନନ୍ଦଙ୍କ ଶୋଭାଯାତ୍ରା

**ଢେଙ୍କାନାଳ ଅଫିସ,୨୭।୧** ଢେଙ୍କାନାଳ ମିନିଷ୍ଟାଡିୟମରେ ଗୁରୁବାର ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଫଟୋଚିତ୍ରକୁ ସୁସଜ୍ଜିତ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ସୁସଜ୍ଜିତ ରଥ କୋରିଆଁସ୍ଥିତ ଆଶ୍ରମରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ନୀଳାଚଳ ସାରସ୍ୱତ ସଂଘ ସଭାପତି ସଂଗ୍ରାମ କେଶରୀ ସିଂ, ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ସମ୍ପାଦକ ଗଗନ ଦାସ, ଡ. ପ୍ରମୋଦ ମହାନ୍ତି, କମ୍ବୁଚରଣ ଧର, କୀର୍ତ୍ତନ ବିହାରୀ ପାତ୍ର, ନରେଶ ଚନ୍ଦ୍ର ପତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଲାଗି ଫେବୃୟାରୀ ୧୦ରେ ଅନ୍ତିମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### ବିଇଓ, ଏବିଇଓଙ୍କୁ ଅବସର ସମ୍ବର୍ଦ୍ଧନା

**ଭୁବନ, ୨୭।୧(ଡି.ଏନ.ଏ.)** ଭୁବନ ବିଇଓ ଶ୍ରୀହର୍ଷ କୁମାର ନାୟକ ଏବଂ ଏବିଇଓ ସନ୍ତୋଷ ସାହୁଙ୍କୁ ରବିବାର ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଲେ, ବିଦ୍ୱାନ ବ୍ୟକ୍ତି ସଦାସର୍ବଦା ପୂଜ୍ୟସ୍ପଦ। ତାଙ୍କ ଯଶକୀର୍ତ୍ତି ଅମଳିନ ହୋଇ ରହେ। ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ସଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍ଏସି ଅଧକ୍ଷ ନନ୍ଦକିଶୋର ସାହୁ, ଏବିଇଓ ସୁମତୀ ପ୍ରଧାନ, ରାଜଲକ୍ଷ୍ମୀ ଟୁଡୁ, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ଶତ୍ରୁଘ୍ନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ସଂଘ ସଭାପତି ସୁବ୍ରତ ବିଶ୍ୱାଳ, ଜିଲା ପରିଷଦ ଶିକ୍ଷକ ସଂଘ ସମ୍ପାଦକ ପ୍ରଜିତ୍ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବସନ୍ତ ସଭାପତି, ବିଶ୍ୱନାଥ ସମ୍ପାଦକ




**ଢେଙ୍କାନାଳ ଅଫିସ, ୨୭।୧** ଢେଙ୍କାନାଳ ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକ ଶନିବାର ସ୍ଥାନୀୟ ମଧୁସୂଦନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଅଧକ୍ଷ ଭାବେ ଶେଖ୍ ହୁସେନ, ସଭାପତି ବସନ୍ତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ମାଧବ ସିଲ, ଯୁଗ୍ମ ସମ୍ପାଦକ ରଞ୍ଜନ ବେହେରା, ସହସମ୍ପାଦକ ଗଣେଶ ସେଠୀ, ଶ୍ରୀକାନ୍ତ ସାହୁ, କୋଷାଧକ୍ଷ ନୃପେନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ଶରତ ସାହୁ, ଅଡିଟର ଭାବେ ସୌମେନ ରାୟ ଏବଂ ଶେଖ ନଇମ୍ ନିର୍ବାଚିତ ହୋଇଛନ୍ତି। ଡମ୍ବରୁଧର ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ।

### ପୂଜା କମିଟି ସଦସ୍ୟଙ୍କ ବିୟୋଗ

**ଢେଙ୍କାନାଳ ଅଫିସ,୨୭।୧** ଢେଙ୍କାନାଳ ବସ୍‌ଷ୍ଟାଣ୍ଡ-ଅମଲାପଡ଼ା ପୂଜା କମିଟି ବରିଷ୍ଠ ସଦସ୍ୟ ଅଜୟ ପଣ୍ଡା (୬୫)ଙ୍କ ରବିବାର ପରଲୋକ ହୋଇଯାଇଛି। ବହୁ ବୁଦ୍ଧିଜୀବୀ, ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଅଜୟ ଲକ୍ଷ୍ମୀପୂଜା କମିଟିର ବିଭିନ୍ନ ପଦବୀରେ ଥିଲେ। ତାଙ୍କୁ ସମ୍ମାନ ଜଣାଇ ବସ୍‌ଷ୍ଟାଣ୍ଡ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତାଙ୍କର ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# 'ଢେଙ୍କାନାଳ ସଂଗ୍ରାମୀଙ୍କ ମାଟି'

**ଢେଙ୍କାନାଳ ଅଫିସ, ୨୭।୧**

ପ୍ରଜାମଣ୍ଡଳ ଆନ୍ଦୋଳନ ହେଉ କି ସ୍ୱାଧୀନତା ସଂଗ୍ରାମ, ସବୁଥିରେ ଢେଙ୍କାନାଳର ଗୁରୁତ୍ୱ ସ୍ୱତନ୍ତ୍ର। ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁସିଂ, ମୂଷା ମଲ୍ଲିକ, ବୀର ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ଭଳି ସଂଗ୍ରାମୀ ଏହି ମାଟିକୁ ଗୌରାବାନ୍ୱିତ କରିଛନ୍ତି। ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଏବଂ ମାନବାଧିକାରକୁ ସମ୍ମାନ ଜଣାଇଲେ ଜାତି ପ୍ରଗତି ଆଡ଼କୁ ଅଗ୍ରସର ହେବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି। ସ୍ଥାନୀୟ ଷ୍ଟାଡିୟମ୍‌ରେ ଆୟୋଜିତ ୭୦ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସେ ଏପରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

ସମାରୋହରେ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ, ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ କର ପରେଡ ସଂଯୋଜନା କରିଥିଲେ।

ସାଧାରଣତନ୍ତ୍ର ଦିବସ ଅବସରରେ ମିନି ଷ୍ଟାଡିୟମରେ ପ୍ରଥମ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଷ୍ଟାଡିୟମ୍‌ରେ କଟକ ଏବଂ ଢେଙ୍କାନାଳ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ ଆୟୋଜିତ ହୋଇଥିଲା। ଏଥିରେ ଢେଙ୍କାନାଳ ଏକାଦଶ ବିଜୟୀ ହୋଇଥିଲା। ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍ ହଲ୍‌ରେ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ, ସଂସ୍କୃତି ପରିଷଦ ସଂଯୋଜକ ଅବନୀ ମିଶ୍ର ଉପସ୍ଥିତ ଥିଲେ। ଜାତୀୟ ଦିବସ ଉପଲକ୍ଷେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରୋଟାରି କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ଚାମ୍ବରଅଫ୍ କମର୍ସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜେଲ ଅନ୍ତେବାସୀ, ଶିଶୁଗୃହ, ଜରାଶ୍ରମରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ରମଣ ବିଜ୍ଞାନ ସଂସଦ ପକ୍ଷରୁ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସିନିୟର ଏନ୍‌ସିସି ବାଳିକା ଟିମ୍ ଶ୍ରେଷ୍ଠ



ଶ୍ରେଷ୍ଠ ଏନ୍‌ସିସି ବାଳିକା ଦଳକୁ ମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ୪୧ ଦଳ ପରେଡ୍ ପ୍ରଦର୍ଶନ କରିଥିଲେ। ଏଥିସହ ପ୍ରଥମ କରି ୧୩ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ପରେଡ୍‌ରେ ଢେଙ୍କାନାଳ କଲେଜ ସିନିୟର ଏନ୍‌ସିସି ବାଳିକା ଦଳ, ମଣ୍ଟଫୋର୍ଟ ସ୍କୁଲ ସିଭିଲିଆନ ବାଳକ ଦଳ, ଆନନ୍ଦମାର୍ଗ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ବାଳକ ସ୍କାଉଟ୍ସ ଦଳ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ରିଜର୍ଭ ଇନ୍ସପେକ୍ଟର ବିବେକାନନ୍ଦ ବାଗେ ପରେଡ୍ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ସେହିପରି ଗଡ଼ନୃସିଂହପ୍ରସାଦ, କାକୁଡ଼ିଭାଗ, କରମୂଳ, କୁକୁଟା, କୋଟଗରା, କେରଜୋଳି, ବଳରାମପ୍ରସାଦ, ପରଜଙ୍ଗ ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଯୋରନ୍ଦା ମହିମା ମହାବିଦ୍ୟାଳୟ, ଜିଏମ୍‌ଆର ଏନର୍ଜି ଲିମିଟେଡ, ବଜରଙ୍ଗ କ୍ଲବ ଏବଂ ଭୁବନ ବିଡିଓଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପ୍ରଥମ, ସୁଲକ୍ଷଣାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ସେଲ୍‌ଫି କର୍ଣ୍ଣର



@ ବାପି



@ ସମ୍ବିତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ନାଟ୍ୟ ଶିକ୍ଷାନୁଷ୍ଠାନ 'ଆର୍‌ତାର' ଉଦ୍‌ଘାଟିତ




ଅନୁଷ୍ଠାନର ଲୋଗୋକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରବିବାର ସନ୍ଧ୍ୟାରେ ଆର୍‌ତାର (ଅଲଟରନେଟିଭ ରିଦମ ଥିଏଟର ଏକାଡେମିକ୍ ଆଣ୍ଡ ରିସର୍ଚ୍ଚ) ନାଟ୍ୟ ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନାରାୟଣ ସାହୁ, ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ଚଳଚ୍ଚିତ୍ର ଅଭିନେତା ତଥା ନାଟ୍ୟକାର ଚୌଧୁରୀ ଜୟପ୍ରକାଶ ଦାସ, ଅଭିନେତା ଅମନ, ସିନେମା ପ୍ରଯୋଜକ ଆତିଶ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ।

ଅନୁଷ୍ଠାନର ଅଧକ୍ଷା ଅଧ୍ୟାପିକା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନିର୍ଦ୍ଦେଶକ ଦୀନେଶ ଦାସ ଉପସ୍ଥିତ ରହି ଅନୁଷ୍ଠାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ୟକ୍ତିତ୍ୱ ବିକାଶ ଏବଂ ସୁସ୍ଥ ସମାଜ ଗଠନ ଅନୁଷ୍ଠାନ ଗଠନ ଏହାର ପ୍ରମୁଖ ଲକ୍ଷ୍ୟ। ଚଳିତବର୍ଷ ଏଥିରେ ୫୦ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରେ ୬୦% ଅନାଥାଶ୍ରମ ଅନ୍ତେବାସୀ। ସେମାନଙ୍କୁ ବିନାଦେୟରେ ଶିକ୍ଷା ଦିଆଯିବ। ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ଅତିଥି ଅଧ୍ୟାପକ ଭାବେ ଯୋଗଦେବେ। ଆଗାମୀ ଦିନରେ ଭାରତୀୟ ଲୋକକଳା, ଲୋକବାଦ୍ୟ, ଲୋକସାହିତ୍ୟ, ଲୋକନାଟକ ଓ ନାଟ୍ୟ ପରମ୍ପରାକୁ ନେଇ ଗବେଷଣା ସହିତ ବିଶ୍ୱସ୍ତରୀୟ ନାଟକ ପ୍ରସ୍ତୁତି ନେଇ ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ଲୋଗୋ ଉନ୍ମୋଚନ କରିଥିଲେ। ପ୍ରଶାସନିକ ମୁଖ୍ୟ ମନୋହର ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଜାତା ସାହୁ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାମାକ୍ଷା ପ୍ରସାଦ ରଣା, ପ୍ରଦୀପ କୁମାର ସାହୁ, ପ୍ରଳୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ବିସ୍ଫୋରକ ଜବତ, ୪ ଅଟକ

**ଢେଙ୍କାନାଳ ଅଫିସ,୨୭।୧**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୪ଜଣଙ୍କୁ ଅଟକ ରଖାଯାଇଛି। କୌଣସି ସୂତ୍ରରୁ ସୂଚନାପାଇ ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଶେଖ ଅବଦୁଲ କରିମ୍‌ଙ୍କ ନେତୃତ୍ୱରେ ଇନ୍ସପେକ୍ଟର ନମିତା ନାୟକ, ଗଁଦିଆ ଥାନା ଅଧିକାରୀ ନିରୁପମା ଜେନା, ପୋଲିସ ଫୋର୍ସ ସହ ଚଢ଼କମରା ଓ ନିତ୍ୟାନନ୍ଦପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଜଣଙ୍କ ଘରୁ ୧୭୫ଟି ଡିଟୋନେଟର ପ୍ୟାକେଟ, ୨୦୦ ପ୍ୟାଟେକ୍ ଲମ୍ୱାତାର, ୫୦ କେଜି ଆମୋନିଆ ନାଇଟ୍ରେଟ୍, ଗୋଟିଏ ଡ୍ରିଲିଂ ମେଶିନ ଓ ରଡ୍, ଅନ୍ୟ ଜଣଙ୍କ ଘରୁ ୮୨ଟି ଡିଟୋନେଟର ପ୍ୟାକେଟ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ.୭/୧୯ ଏବଂ ୮/୧୯ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ଧରିବାକୁ ଉଦ୍ୟମ କରାଯାଉଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ହିନ୍ଦୋଳ, ୨୭।୧(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କଂସରା ଗ୍ରାମରେ ଶୁକ୍ରବାର ଯୌତୁକ ଦାବି କରି ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଭି.ଦିବ୍ୟା ରାଓ। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

କୋରାପୁଟ ଜିଲା ଜୟପୁର ଥାନା ଟଙ୍କୱା ଗ୍ରାମର ଭି. ଦିବ୍ୟା ରାଓ ଏବଂ କଂସରା ଗ୍ରାମର ଉଗ୍ରସେନ ଗଡ଼ନାୟକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୪ ଜାନୁୟାରୀ ୧ରେ କଟକ ଜିଲା ବଡ଼ମ୍ବାରେ ଉଭୟେ ଶପଥପାଠ ମାଧ୍ୟମରେ ବିବାହ କରିଥିଲେ। ବିବାହର କିଛିମାସ ପରେ ଦିବ୍ୟାଙ୍କ ଉପରେ ଯୌତୁକ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ଏହାପରେ ସେ ସ୍ୱାମୀଙ୍କ ସହ ବାଙ୍ଗାଲୋର ଚାଲିଯାଇଥିଲେ। ସେଠାରୁ ୫ ମାସ ହେଲା ଆସି ସ୍ତ୍ରୀସ୍ୱାମୀ କଂସରାରେ ରହୁଥିଲେ। ଶାଶୁଘରେ ଯୌତୁକ ଦାବି କରାଯିବା ପରେ ଦିବ୍ୟାଙ୍କ ପରିବାର ଲୋକେ ଉଗ୍ରସେନଙ୍କୁ ୨ଲକ୍ଷ ଟଙ୍କା ଦେଇଥିଲେ। ତଥାପି ନିର୍ଯାତନା କମି ନ ଥିଲା। ଏ ନେଇ ସେ ନଭେମ୍ବର ୧୪ରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ୧୫ ତାରିଖରେ ଆପୋସ ବୁଝାମଣା ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା। ଏହାପରେ ସେ ବାପଘରକୁ ଚାଲିଯାଇଥିଲେ। ଜାନୁୟାରୀ ୨୩ରେ ଦିବ୍ୟା ୪ବର୍ଷର ଝିଅ ସହ କୋରାପୁଟରୁ ବାହାରି ଗୁରୁବାର ଶାଶୁଘରେ ପହଞ୍ଚିଥିଲେ। ଶନିବାର ପୂର୍ବାହ୍ନ ୧୦ଟାରେ ଦିବ୍ୟା ପରିବାର ଲୋକଙ୍କ ସହ କଥା ହୋଇଥିଲେ। ହେଲେ ଅପରାହ୍ନ ୨ଟାରେ ଉଗ୍ରସେନ ହଠାତ୍ ସ୍ତ୍ରୀଙ୍କ ମୃତ୍ୟୁ ଖବର ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଦିବ୍ୟାଙ୍କ ବାପା ଭି.କୋଟେଶ୍ୱର ରାଓ ରବିବାର କଂସରାରେ ପହଞ୍ଚିଥିଲେ। ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ଜ୍ୱାଇଁ ଉଗ୍ରସେନ, ସମୁଦି ସନାତନ ଗଡ଼ନାୟକ, ସମୁଦୁଣୀ ଉପାସୀ ଗଡ଼ନାୟକ ଏବଂ ଦିବ୍ୟାଙ୍କ ନଣନ୍ଦ ମମତା ଏବଂ ବିନ୍ଦୁଙ୍କ ସମ୍ପୃକ୍ତି ଥିବା ଦର୍ଶାଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ମାମଲାର ତଦନ୍ତ ଆରମ୍ଭ ହୋଇଛି।

# ଭାରିଯାନ ଚଳାଚଳକୁ ବିରୋଧ

**ଭୁବନ, ୨୭।୧(ଡି.ଏନ.ଏ.)**

ବାଲିବୋଝେଇ ଭାରିଯାନ ଚଳାଚଳକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଭୁବନ ଏନ୍ଏସି ଅଧୀନ ୨ନଂ. ଏବଂ ୩ନଂ. ୱାର୍ଡର ବାସିନ୍ଦା। ରବିବାର ସମ୍ପୃକ୍ତ ଅଞ୍ଚଳବାସୀ ଦୀର୍ଘ ସମୟ ଧରି ରାସ୍ତାରେ ବସି ରହିଥିଲେ। ଜନଗହଳିପୂର୍ଣ୍ଣ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ ଚାଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

୫୩ନଂ. ଜାତୀୟ ରାଜପଥରୁ ବୁଦ୍ଧେଶ୍ୱର ଶୈବପୀଠକୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାରେ ଦୈନିକ ଶତାଧିକ ବାଲିବୋଝେଇ ଗାଡ଼ି ଯାତାୟାତ କରୁଛି। ଏହାଦ୍ୱାରା ଜଳ ଉତ୍ସ ପ୍ରଦୂଷିତ ହୋଇପଡ଼ିବା ସହ ରାସ୍ତା ଅବସ୍ଥା ଶୋଚନୀୟ ହୋଇଗଲାଣି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶିକ୍ଷାନୁଷ୍ଠାନ ଅବସ୍ଥିତ ଥିବାବେଳେ ଦୁର୍ଘଟଣା ଘଟି ଛାତ୍ରୀଛାତ୍ର ଆହତ ହେଉଛନ୍ତି। ଏ ସଂକ୍ରାନ୍ତରେ ପୂର୍ବରୁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ଅଞ୍ଚଳବାସୀ ଏକାଠି ହୋଇ ନୂଆଭୁବନ ଛକରେ ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟାରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ନରେନ୍ଦ୍ର ସାହୁ, ନାରାୟଣ ସାହୁ, ଅନିରୁଦ୍ଧ ମିଶ୍ର, ରବୀନ୍ଦ୍ର ହୋତା, ଗିରୀଶ ମହାରଣା, ଚୈତନ୍ୟ ପୃଷ୍ଟି ପ୍ରମୁଖ କହିଛନ୍ତି।



ଗ୍ରାମବାସୀ ରାସ୍ତାରେ ବସିରହି ପ୍ରତିବାଦ କରୁଛନ୍ତି।

■କଳ୍ପତରୁ ଆଶ୍ରମରେ ଛାତ୍ର ନିର୍ଯାତନା ମାମଲା

# ବେଆଇନ ଭାବେ ଚାଲୁଥିଲା: ଜିଲାପାଳ

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି କଣ୍ଟେଇକୋଳିଆସ୍ଥିତ କଳ୍ପତରୁ ଆଶ୍ରମ ଅଣପଞ୍ଜୀକୃତ। ଏହା ବେଆଇନ ଭାବେ ଚାଲୁଥିବା ସ୍ପଷ୍ଟ କରିଛନ୍ତି ଢେଙ୍କାନାଳ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ। ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଲେ, ଶିଶୁ ମଙ୍ଗଳ କମିଟି ରିପୋର୍ଟରୁ ଏହି ତଥ୍ୟ ପଦାକୁ ଆସିଛି। ଆଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆଶ୍ରମରେ ରହୁଥିବା ପିଲାଙ୍କୁ ନେବାକୁ ରବିବାର ଅଧିକାଂଶ ଅଭିଭାବକ ଆସିଥିଲେ। ଏହି ସମୟରେ ଆଶ୍ରମ ସୁରକ୍ଷା ଦାୟିତ୍ୱରେ ଜଣେ ମାତ୍ର ହୋମ୍‌ଗାର୍ଡଙ୍କୁ ମୁତୟନ କରାଯାଇଥିଲା। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସାଙ୍ଗରେ ନେଇ ପଳାଇଛନ୍ତି।

ସେପଟେ ଆଶ୍ରମରୁ ନିଖୋଜ ନାବାଳକ ଛୋଟୁ ରୋହିତ ଦାସଙ୍କୁ ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟରୁ ଉଦ୍ଧାର ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଶ୍ରମରେ ଅକଥନୀୟ ନିର୍ଯାତନା ଯୋଗୁ ତାଙ୍କ ପିଠି, ଛାତି, ଦୁଇ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯିବା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମାମଲାରେ ଆଶ୍ରମ ମୁଖ୍ୟ ମୁରାରି ଦାସଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଘଟଣା ପରେ ସେ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଶ୍ରମର ଅନ୍ତେବାସୀଙ୍କୁ ପୂର୍ବରୁ ମଧ୍ୟ ଏପରି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଉଠିଥିଲା। ଏ ନେଇ କେତେଜଣ ଅଭିଭାବକ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ତଥାପି ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ନ ଥିଲା। ଫଳରେ ପୁଣି ଥରେ ଜଣେ ନାବାଳକ ଛାତ୍ର ନିର୍ଯାତନାର ଶିକାର ହୋଇଥିବା ଚର୍ଚ୍ଚା ହେଉଛି।



ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନେଇଯାଉଛନ୍ତି।

■ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଛି
■ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ
■ପିଲାଙ୍କୁ ନେଇଗଲେ ଅଭିଭାବକ

ଏ ନେଇ ଜିଲାପାଳ କୁହନ୍ତି, ଆବାସିକ ସ୍କୁଲର ଅନ୍ତେବାସୀଙ୍କ ସମସ୍ତ ସୁରକ୍ଷା ଦାୟିତ୍ୱ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର। ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଏନ୍‌ଜିଓ ଦ୍ୱାରା ପରିଚାଳିତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଡକାଯାଇ ଏ ସମ୍ପର୍କରେ ଅବଗତ କରାଯାଇଛି। ନୂତନ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ପୁଣି ଥରେ ବୈଠକ ଡକାଯିବ। କଳ୍ପତରୁ ଆଶ୍ରମରେ ହଷ୍ଟେଲ ନ ଥିଲା। ଏହା ଗୁରୁକୁଳ ଭଳି ଚାଲିଥିଲା। ସିଡବ୍ଲ୍ୟୁସି ପକ୍ଷରୁ ସମସ୍ତ ରିପୋର୍ଟ ଦିଆଯାଇଛି। ତ୍ରୁଟି ପଡ଼ିଥିବାରୁ ତଦନ୍ତରେ ବିଳମ୍ବ ହେଉଛି। ଆଇନ ଅନୁଯାୟୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜାନୁୟାରୀ ୨୮ /୨୦୧୯ Dhenkanal, Monday, January 28 / 2019

# ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୨୭।୧**

ସାଧାରଣତନ୍ତ୍ର ଦିବସ ଅବସରରେ ମିନି ଷ୍ଟାଡିୟମରେ ପ୍ରଥମ ଥର ଆୟୋଜିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଏସ୍‌ପି ସନ୍ତୋଷ କୁମାର ନାୟକ ଯୋଗଦେଇ ଆଗାମୀ ବର୍ଷ ଏହାକୁ ଅଧିକ ସରସସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ ଯୋଗଦେଇ ବିଭିନ୍ନ ପ୍ରଜାତି ଫୁଲର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶବିତ୍ ପ୍ରଦ୍ୟୁମ୍ନ ପ୍ରସାଦ ରଥ, ରୋଟାରିଆନ ରାଜକିଶୋର ବେହେରା, ରୋଟାରି କ୍ଲବ ସମ୍ପାଦକ ଡ. ଭବାନୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଏହି ଅବସରରେ ଆୟୋଜିତ ବଗିଚା ପ୍ରତିଯୋଗିତାରେ ବିଭୁଦେନ୍ଦୁ ପଟ୍ଟନାୟକ, ସୁରେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ଦାସ, ଶିବସାଇ ମହାପାତ୍ର, ଗୁପ୍ତେଶ୍ୱର ମିଶ୍ର, ମିତାଲି ମହାନ୍ତି, ଆଲୁଅଝରଣ ଆଶ୍ରମ ସ୍କୁଲ, କାନପୁରା ପଞ୍ଚାୟତିରାଜ ହାଇସ୍କୁଲ, ନେହେରୁ ଶିଶୁ ଉଦ୍ୟାନ, ଏସ୍‌ଏମ୍ ଆଗ୍ରୋ ପ୍ଲାଣ୍ଟର୍ସ ଲିମିଟେଡ୍, ଶକ୍ତିସୁଗାର ଲିମିଟେଡ୍, ସିନର୍ଜି ଇଞ୍ଜିନିୟରିଂ କଲେଜ, ଉତ୍କଳ ଆଜବେଷ୍ଟସ୍ ଲିମିଟେଡ୍, ଦୁର୍ଗା କିଷାନ ସେବାକେନ୍ଦ୍ର ପୁରସ୍କୃତ ହୋଇଛନ୍ତି। ସର୍ବକନିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ସତୀଶ ରାଉତ ପ୍ରଥମ, ହେମାନନ୍ଦ ପାତ୍ର ଦ୍ୱିତୀୟ, ସୌମ୍ୟଜିତ୍ ମଲ୍ଲିକ ଓ ରାଜବୀର ପ୍ରଧାନ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗରେ ଓମ୍‌ପ୍ରସାଦ ସ୍ୱାଇଁ ପ୍ରଥମ, ଅନନ୍ୟାଅନ୍ୱେଷା ମିଶ୍ର ଦ୍ୱିତୀୟ, ସରଗମ ନନ୍ଦ ଓ ମୁସ୍କାନ ମହାନ୍ତି ଯୁଗ୍ମ ତୃତୀୟ ହୋଇଛନ୍ତି। ସେହିପରି ବରିଷ୍ଠ ବିଭାଗରେ ସତ୍ୟଶ୍ରୀ ବେହେରା ପ୍ରଥମ, ଆଦିତ୍ୟ ପ୍ରକାଶ ମହାରଣା ଦ୍ୱିତୀୟ, ଆକାଂକ୍ଷା ପଣ୍ଡା ଓ ଜ୍ଞାନେନ୍ଦ୍ର ବେହେରା ଯୁଗ୍ମ ତୃତୀୟ ହୋଇଛନ୍ତି।

ଘରୋଇ ଉଦ୍ୟାନ ଲାଗି ସୁରମା ପାତ୍ର, ସୁଧାଂଶୁ ଦଳେଇ, ଗୁପ୍ତେଶ୍ୱର ମିଶ୍ର, ଶିବସାଇ ମହାପାତ୍ର, ମିତାଲି ମହାନ୍ତି, ଗୋପାଳ ଦାସ, ଜେ. ବୋରା, ଆଶୁତୋଷ ଦଳେଇ, ସାଗରିକା ମିଶ୍ର ପ୍ରମୁଖ ପୁରସ୍କୃତ ହୋଇଥିଲେ।




## ଶେଖର ସ୍ପୋର୍ଟିଂ ବିଜୟୀ

**ଓଡ଼ାପଡ଼ା, ୨୭।୧(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ନାଧରା ଚଣ୍ଡୀଖମଣ ପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଛି ୧୨ତମ ରାମଚଣ୍ଡୀ କପ୍ କ୍ରିକେଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକ ସୋଲାରକୁ ହରାଇ ଶେଖର ସ୍ପୋର୍ଟିଂ ବିଜୟୀ ହୋଇଛି। ଶେଖର ସ୍ପୋର୍ଟିଂ ୨୫ ଓଭରରେ ୬ ଉଇକେଟ ହରାଇ ୨୧୨ ରନ୍ କରିଥିବାବେଳେ ସୋଲାର ୨୦.୫ ଓଭରରେ ୧୬୧ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁମିତ ଗୌଡ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ରମେଶ ମହାରଣା, ବରଦା ପ୍ରସାଦ ନନ୍ଦ ଅମ୍ପାୟାର, ବିଶ୍ୱଜିତ୍ ପଣ୍ଡା ସ୍କୋରର ରହିଥିଲେ। ଲିକୁନ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ବିଧାୟିକା ସୀମାରାଣୀ ନାୟକ ଅତିଥିଭାବେ ଯୋଗଦେଇଥିଲେ। ବିଜନ ମିଶ୍ର, ପ୍ରଦୀପ ସାମଲ, ବୁଲିନା ସାମଲ, ସୁଧୀର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୮ରେ ଭାଜପାର ବିକ୍ଷୋଭ

**ଢେଙ୍କାନାଳ ଅଫିସ, ୨୭।୧**

ଢେଙ୍କାନାଳ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଫେବୃୟାରୀ ୮ରେ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ, ହିନ୍ଦୋଳ, କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶନିବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କୋର୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାର ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନାହାନ୍ତି। କମ୍ପାଉଣ୍ଡର ଓ ନର୍ସଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। କାଳିଆ ଯୋଜନାରେ ପ୍ରକୃତ ଚାଷୀ ପରିବାରକୁ ଅଣଦେଖା କରାଯାଇ ଶାସକ ଦଳର କର୍ମୀଙ୍କୁ ଅଗ୍ରାଧିକାର ଦିଆଯାଉଛି। ଜଳସେଚନ ସୁବିଧା ନ ଥିବାରୁ ଚାଷୀ ହତାଶ ହୋଇଗଲେଣି। ବ୍ୟାପକ ଅର୍ଥ ଖର୍ଚ୍ଚ କରି ସମ୍ପୂର୍ଣ୍ଣ ହୋଇଥିବା ରେଙ୍ଗାଲି ବାମ ଓ ଦକ୍ଷିଣ କେନାଲ କାର୍ଯ୍ୟକ୍ଷମ ହେଉନାହିଁ। ଉଠା ଜଳସେଚନ ପଏଣ୍ଟ ଅଚଳ ପଡ଼ିଛି। ମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତା ହେଉଛି। ଏସବୁ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରିବାକୁ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ବରିଷ୍ଠ ସଭ୍ୟ ରୁଦ୍ର ନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ପ୍ରସନ୍ନ ପଟ୍ଟନାୟକ, ନରେଶ ମହାପାତ୍ର, ଲକ୍ଷ୍ମୀଧର ବେହେରା, ପ୍ରେମାନନ୍ଦ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନକୁ ହରାଇ ତାଳଚେର ଚାମ୍ପିୟନ

**କାମାକ୍ଷାନଗର, ୨୭।୧(ଡି.ଏନ୍.ଏ.)-**

କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡିରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଶେଷହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଭୁବନକୁ ହରାଇ ଟାଇଟଲ ହାତେଇଛି ତାଳଚେର। ଟସ୍ ଜିତି ଭୁବନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଜବାବରେ ତାଳଚେର ୫ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ତପନ ସ୍ୱାଇଁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଏବଂ କେ. ମଜହର 'ମ୍ୟାନ୍ ଅଫ୍ ଦି ସିରିଜ୍' ଘୋଷିତ ହୋଇଥିଲେ। ସୁରେନ୍ଦ୍ର ସାହୁ, ପପୁନି ସାହୁ ମ୍ୟାଚ ପରିଚାଳନା କରିଥିବାବେଳେ ଜାତୀୟ ଘୋଷକ ବିପିନ କୁମାର ସାହୁ ଧାରାବିବରଣୀ ଦେଇଥିଲେ। ସାମାଜିକ କର୍ମୀ ପ୍ରମୋଦ ସାହୁ, ଶିଳ୍ପପତି ନକୁଳ ସାହୁ, ଶ୍ରମିକ ନେତା ବାସୁଦେବ ସାହୁ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ଶିକ୍ଷା ପାଇଁ ମିନି ମାରାଥନ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୭।୧**

କିସ୍ ଓ କିଟ୍ ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରବିବାର ଆୟୋଜିତ ହୋଇଥିଲା ମିନି ମାରାଥନ୍। ଢେଙ୍କାନାଳ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଜିଚୌକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ନିକଟରୁ ଆରମ୍ଭ ହୋଇଥିବା ଉକ୍ତ ମାରାଥନ୍‌ରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ସଙ୍ଗଠନ, ଯୁବକ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ।

ଏହି ଅବସରରେ ମିନି ଷ୍ଟାଡିୟମରେ ଉତ୍ସବ ଆୟୋଜିତ ହୋଇଥିଲା। ଏଠାରେ ମାରାଥନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ମାରାଥନ୍‌ରେ ଭାଗ ନେଇଥିବା ବ୍ୟକ୍ତି, ଛାତ୍ରୀଛାତ୍ର, ଅନୁଷ୍ଠାନକୁ ପ୍ରମାଣପତ୍ର ଦିଆଯାଇଥିଲା। ଅତିଥି ଭାବେ ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପିକା ଡ. ପୁଷ୍ପଲତା ରଥ, ରେଡକ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଅଥୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକ୍ସ-ଏକାଦଶ ବିଜୟୀ

**ଭୁବନ, ୨୭।୧(ଡି.ଏନ.ଏ.)**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନ ମିନିଷ୍ଟାଡିୟମରେ ଅଫିସର୍ସ ଏକାଦଶ ଏବଂ ଏକ୍ସ-ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିଣି ଏକ୍ସ-ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୧୪ ରନ୍ କରିଥିଲା। ଅମିତାଭ ସାହୁ ସର୍ବାଧିକ ୨୩ ରନ୍ କରିଥିଲେ। ଜବାବରେ ଅଫିସର୍ସ ଏକାଦଶ ମାତ୍ର ୭୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରମୋଦ ଲେଙ୍କା ସର୍ବାଧିକ ୨୪ରନ୍ କରିଥିଲେ। ବିପିନ ବିହାରୀ ସେଠୀ, ରାଜେନ୍ଦ୍ର ପୋଥାଳ ମ୍ୟାଚ ପରିଚାଳନା କରିଥିଲେ। ଲକ୍ଷଣ ଦାସ, ଦୀନେଶ ରାଉତ, ଲକ୍ଷ୍ମଣ ନାୟକ ଧାରାବିବରଣୀ ଦେଇଥିଲେ। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଫୁଲ୍ଲ ଦାସ, ମୁରଲୀଧର ମେହେଣା, ଭାଗବତ ସାହୁ, ଘନଶ୍ୟାମ ସାହୁ, ବାଳକୃଷ୍ଣ ସାହୁ, ସୋମନାଥ ଦାସଙ୍କୁ ସମ୍ମାନିତ କରାଯାଇଥିଲା।

**ଉଦ୍‌ଘାଟନ ହେଲା ନାଟ୍ୟମ୍‌ମେଳା**

## ପ୍ରଥମ ଦିନରେ 'ବାଞ୍ଛାର ବଗିଚା'

**ଅନୁଗୋଳ ଅଫିସ, ୨୭।୧**

ରାଜ୍ୟସ୍ତରୀୟ ନାଟ୍ୟମ୍ ମହୋତ୍ସବ ସ୍ଥାନୀୟ ବାସନ୍ତୀ ଦୁର୍ଗା ପଡ଼ିଆ ଠାରେ ନାଟ୍ୟମ ଅନୁଷ୍ଠାନ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାକୁ ଉତ୍କର୍ଷ କଳାର ଦେଶ ବୋଲି ଗଣନା କରାଯାଉଥିବା ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ସମୀର ପଟ୍ଟନାୟକ ଉପସ୍ଥିତ ଥିଲେ।



ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ପ୍ରଥମ ଦିନ ବାଞ୍ଛାର ବଗିଚା ନାଟକକୁ ଭୁବନେଶ୍ୱର ଶତାବ୍ଦୀ କଳାକାରମାନେ ପରିବେଷଣ କରିଥିଲେ। ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନାଟ୍ୟକାର ସୃଷ୍ଟି କରିଥିବା ବାଞ୍ଛାକୁ କିପରି ବଞ୍ଚାଇ ରଖିଛନ୍ତି ଓ ତା ପ୍ରତି ସହାନୁଭୂତି ନୁହେଁ ବରଂ ବଞ୍ଚିବାର ରାସ୍ତା ଦେଖାଇଛନ୍ତି, ତାହାକୁ ନାଟକ ମାଧ୍ୟମରେ ପରିବେଷଣ କରାଯାଇଥିଲା। ପ୍ରଖ୍ୟାତ ନାଟ୍ୟକାର ମନୋଜ ମିତ୍ରଙ୍କ ନାଟ୍ୟକୃତୀ ସାଜାନୋ ବାଗାନ୍‌ର ଏହା ଓଡ଼ିଆ ଅନୁବାଦ। ଧୀର ମଲ୍ଲିକ ଏହାକୁ ଓଡ଼ିଆରେ ଅନୁବାଦ କରିଥିଲେ। ବିଭିନ୍ନ ଭୂମିକାରେ ୧୫ ଜଣ କଳାକାର କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଧୀର ମଲ୍ଲିକଙ୍କୁ ନାଟ୍ୟମ୍ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହପରି ମଞ୍ଚ ପରିଚାଳନା କରିଥିବା ଅଲିଶା ପ୍ରିୟଦର୍ଶୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## 'କେବଳ ପୋଥିଗତ ବିଦ୍ୟାକୁ ଭରସା କରନାହିଁ'

**କାମାକ୍ଷାନଗର, ୨୭।୧(ଡି.ଏନ୍.ଏ.)**

କାମାକ୍ଷାନଗର ପଞ୍ଚାୟତିରାଜ ହାଇସ୍କୁଲର ୨୬ତମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ପାଳିତ ହୋଇଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କେବଳ ପୋଥିଗତ ବିଦ୍ୟାକୁ ଭରସା କଲେ ହେବନାହିଁ। ବହିପାଠ ସହିତ ସାଧାରଣ ଜ୍ଞାନ, ଅନ୍ୟାନ୍ୟ ବୈଦ୍ଧିକ ବିକାଶମୂଳକ କାର୍ଯ୍ୟରେ ମନୋନିବେଶ କଲେ ସାମଗ୍ରିକ ବିକାଶ ହୋଇପାରିବ। ସେହିପରି ଶିକ୍ଷୟିତ୍ରୀଶିକ୍ଷକ ଅଧିକ ଜାଣିଲେ ଭଲଭାବେ ଶିକ୍ଷାଦାନ କରିପାରିବେ ବୋଲି ଉପଜିଲାପାଳ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ବିଡିଓ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ଶିଶୁମାନଙ୍କୁ ବଡ଼ମଣିଷ ହେବାର ସୂତ୍ର ବତାଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ବିଶ୍ୱାଳ, ପ୍ରତିଷ୍ଠାତା ସଭ୍ୟ ଦୋଳଗୋବିନ୍ଦ ରାଉତ, ଶିକ୍ଷାବିତ୍ ବଟକୃଷ୍ଣ ଦାସ, ସାମାଜିକ କର୍ମୀ ସର୍ବେଶ୍ୱର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନୟନ ପ୍ରକଳ୍ପ ଶିଳାନ୍ୟାସ

**ପବିତ୍ରନଗର, ୨୭।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତରେ ଶନିବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗଦେଇ ଆମ ଗାଁ ଆମ ବିକାଶ ଯୋଜନାରେ ବାଦିବାହାଲ ଗ୍ରାମରେ ନେତାଜୀ ଯୁବକ ସଂଘର କୋଠଘର, ଡେରାଗୋଳା ନୂଆସାହି ଓ ପୁରୁଣାସାହି ଗୋଷ୍ଠୀକେନ୍ଦ୍ର, ନାଇକାନାଳୀ ଓ ସିଆରିଆ ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ସହ ମହୀଧରପୁର ଗାଁରେ ସଂସ୍କୃତି ଭବନର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ବାଦିବାହାଲ ଗୋଷ୍ଠୀକେନ୍ଦ୍ର, ମହୁଲିଆପଶି-କୁଲାପାଳ ରାସ୍ତା, ଝୁଲାଖୁଣ୍ଟିଆ ନୂଆଁସାହି କୋଠଘରର ଉଦ୍‌ଘାଟନ ସହ ମହୀଧରପୁର ଓ ବୁରୁକୁନା ସଂସ୍କୃତି ଭବନର ଶିଳାନ୍ୟାସ କରାଯାଇଥିଲା। ଶରଧାପୁର ଅଙ୍ଗନୱାଡି ଗୃହ, ଜିଲା ଖଣିଜ ପାଣ୍ଠିରେ ନିର୍ମିତ ବୁରୁକୁନା ହାଇସ୍କୁଲର ଶ୍ରେଣୀଗୃହ, ଶରଧାପୁର, ଗଙ୍ଗାଧରପୁର, ଡେରାଗୋଳା, ସିଆରିଆଠାରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ଜୁଲିରାଣୀ ପ୍ରଧାନ, ଆର୍‌ଡିର ଏସ୍‌ଡିଓ କୁମୁଦଚନ୍ଦ୍ର ଦେହୁରୀ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସରୋଜ ପ୍ରଧାନ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ